www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

# ନିର୍ଭୟ ସୂଚନା

RNI No. ODIODI/2015/65606
Postal RegNo.-CK(N)/22/2021-2023

Vol.No.-12, Issue- 35 Tuesday 06 October, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୩୫ ମଙ୍ଗଳବାର, ୦୬ ଅକ୍ଟୋବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

## ମେଡିସିନ୍‌ରେ ତିନି ବୈଜ୍ଞାନିକ ଡିସେରୋଥ, ହେଗେମ୍ୟାନ୍ ଓ ନାଗେଲଙ୍କୁ ନୋବେଲ

ଓସ୍‌ଲୋ ୫/୧୦: ଚିକିତ୍ସା ବିଜ୍ଞାନ ଓ ନ୍ୟୁରୋସାଇନ୍ସ ଜଗତରେ ବିପ୍ଳବ ଆଣିବା ପାଇଁ ୨୦୨୬ ମସିହା ପାଇଁ ପ୍ରତିଷ୍ଠିତ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଆଲୋକ-ନିୟନ୍ତ୍ରିତ ଆୟନ୍ ଚ୍ୟାନେଲ ଓ ଅପ୍ଟୋଜେନେଟିକ୍ସ ଉପରେ ସେମାନଙ୍କର ଆବିଷ୍କାର ପାଇଁ ତିନି ଜଣ ବୈଜ୍ଞାନିକ କାର୍ଲ ଡିସେରୋଥ, ପିଟର ହେଗେମ୍ୟାନ୍ ଓ ଜର୍ଜ ନାଗେଲଙ୍କୁ ମିଳିତ ଭାବେ ୨୦୨୬ ମସିହା ପାଇଁ ମେଡିସିନରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଛି। ସୋମବାର ସୋଲନାରେ କାରୋଲିନସ୍କା ଇନଷ୍ଟିଚ୍ୟୁଟ୍‌ରେ ନୋବେଲ ଆସେମ୍ବଲି ଚଳିତ ବର୍ଷର ପ୍ରଥମ ନୋବେଲ ପୁରସ୍କାର ଘୋଷଣା କରିଛି। ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ, ବୈଜ୍ଞାନିକମାନେ ଏବେ ଆଲୋକ ମାଧ୍ୟମରେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକୁ ଚାଲୁ ଓ ବନ୍ଦ କରିପାରିବେ, ଯାହା



ପାର୍କିନସନ୍ସ ଓ ଡିପ୍ରେସନ ଭଳି ଗମ୍ଭୀର ରୋଗର ଚିକିତ୍ସା ପାଇଁ ନୂତନ ରାସ୍ତା ଖୋଲିଛି। ପାରମ୍ପରିକ ନ୍ୟୁରୋସାଇନ୍ସ ମସ୍ତିଷ୍କ ନ୍ୟୁରନଗୁଡ଼ିକୁ ଉତ୍ତେଜିତ କରିବା ପାଇଁ ଇଲେକ୍ଟ୍ରୋଡ୍ ବ୍ୟବହାର କରୁଥିଲା, ଯାହା ଏକ ଅତ୍ୟନ୍ତ ଆକ୍ରମଣାତ୍ମକ ପଦ୍ଧତି ଥିଲା ଏବଂ ଏହା ଚାରିପାଖର ସୁସ୍ଥ ଟିସୁକୁ କ୍ଷତି ପହଞ୍ଚାଇବାର ଆଶଙ୍କା ରହୁଥିଲା। ବିପରୀତରେ କାର୍ଲ ଡେସେରୋଥ, ପିଟର ହେଗେମାନ୍ ଓ ଜର୍ଜ ନାଗେଲ୍ ଜୀବନ୍ତ କୋଷରେ ଆଲୋକ-ସମ୍ବେଦନଶୀଳ ପ୍ରୋଟିନ୍ ଆବିଷ୍କାର କରିଥିଲେ।

ତିନି ବୈଜ୍ଞାନିକମାନେ ପ୍ରଦର୍ଶନ କରିଛନ୍ତି ଯେ, ଆଲୋକ-ଗେଟେଡ୍ ଆୟନ୍ ଚ୍ୟାନେଲଗୁଡ଼ିକକୁ ନିର୍ଦ୍ଦିଷ୍ଟ ମସ୍ତିଷ୍କ ନ୍ୟୁରନ୍ ସନ୍ନିବେଶ କରିବା ପାଇଁ ଜେନେଟିକାଲ୍ ଭାବରେ ପରିବର୍ତ୍ତନ କରାଯାଇପାରିବ। ଏକ ଲେଜର କିମ୍ବା ଅପ୍ଟିକାଲ୍ ଫାଇବରର ଏକ ସରଳ ଫ୍ଲାସ୍ ଆଖି ପିଛୁଳାକେ ସେହି ନ୍ୟୁରନ୍‌ଗୁଡ଼ିକୁ ଚାଲୁ କିମ୍ବା ବନ୍ଦ କରିପାରିବ।

ଏହି ଉଲ୍ଲେଖନୀୟ ପ୍ରଯୁକ୍ତିବିଦ୍ୟା ନ୍ୟୁରୋବାୟୋଲୋଜି ଓ ଭେଷଜ କ୍ଷେତ୍ରରେ ନୂତନ ସମ୍ଭାବନା ଖୋଲିଛି। ପୂର୍ବରୁ ବୈଜ୍ଞାନିକମାନଙ୍କ ପାଇଁ କେଉଁ ନିର୍ଦ୍ଦିଷ୍ଟ ମସ୍ତିଷ୍କ ସର୍କିଟ୍ କେଉଁ ଆଚରଣ, ଭାବନା କିମ୍ବା ରୋଗକୁ ନିୟନ୍ତ୍ରଣ କରେ ତାହା ବୁଝିବା ଅସମ୍ଭବ ଥିଲା। ବର୍ତ୍ତମାନ ଅପ୍ଟୋଜେନେଟିକ୍ସ ସାହାଯ୍ୟରେ, ବୈଜ୍ଞାନିକମାନେ ପାର୍କିନସନ୍ସ ରୋଗ, ମାନସିକ ଅବସାଦ, ଅନ୍ଧତ୍ୱ ଓ ନିଶା ଭଳି ଜଟିଳ ସ୍ନାୟୁ ସମସ୍ୟାର ସଠିକ୍ ଅଧ୍ୟୟନ କରିପାରିବେ।

## ନିର୍ବାଚନ ଆୟୋଗଙ୍କୁ ସିଜେଆଇଙ୍କ ପ୍ରଶ୍ନ

# କାହା ନିର୍ଦ୍ଦେଶରେ ଫର୍ମ-୬ ବଦଳାଇଲ



ନୂଆଦିଲ୍ଲୀ : ଭୋଟର ଲିଷ୍ଟରେ ନାମ ଯୋଡ଼ିବା ପାଇଁ ବ୍ୟବହୃତ ହେଉଥିବା ଫର୍ମ-୬ ରେ ପରିବର୍ତ୍ତନକୁ ନେଇ, ସୁପ୍ରିମ କୋର୍ଟ ନିର୍ବାଚନ ଆୟୋଗଙ୍କ ଠାରୁ ମାଗିଛନ୍ତି ଜବାବ । ସୋମବାର ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ସ୍ପଷ୍ଟ ଭାବେ କହିଛନ୍ତି ଯେ, ସୁପ୍ରିମକୋର୍ଟ ଫର୍ମ-୬ର ସଂଶୋଧିତ ଫର୍ମାଟକୁ କୌଣସି ମଞ୍ଜୁରୀ ଦେଇ ନାହାନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଆଗତ ଆବେଦନର ଶୁଣାଣି ସମୟରେ କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି । ସିଜେଆଇଙ୍କ ଏହି ଟିପ୍ପଣୀ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ସେପ୍ଟେମ୍ବର ୨୬ରେ ନିର୍ବାଚନ ଆୟୋଗ କହିଥିଲେ ଯେ ,କେତେକ ରାଜ୍ୟରେ ଚାଲିଥିବା ଏସ୍‌ଆଇଆର ପାଇଁ ଅନଲାଇନ୍ ଫର୍ମ-୬ ସହିତ ଯୋଡ଼ା ଯାଇଥିବା ନୂଆ ଘୋଷଣାପତ୍ର ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ଅନୁମୋଦିତ । ବର୍ତ୍ତମାନ କୋର୍ଟ ରେକର୍ଡ ଯାଞ୍ଚ କରି ଜାଣିବାକୁ ଚାହୁଁଛନ୍ତି ଯେ, ପ୍ରକୃତରେ କାହା ନିର୍ଦ୍ଦେଶରେ ଏହି ଫର୍ମରେ ପରିବର୍ତ୍ତନ କରାଯାଇ ଥିଲା । ଫର୍ମ-୬ରେ ପରିବର୍ତ୍ତନକୁ ନେଇ ବିବାଦ ସେତେବେଳେ ଆରମ୍ଭ ହୋଇ ଥିଲା, ଯେତେବେଳେ ଦୁଇଜଣ ନିର୍ବାଚନ କମିଶନ ଏହାକୁ ନେଇ ଅଭିଯୋଗ କରିଥିଲେ । ରେଜିଷ୍ଟ୍ରେସନ ଅଫ୍ ଇଲେକ୍ଟର୍ସ ରୁଲ୍ ୧୬୦ରେ କେନ୍ଦ୍ର ସରକାରଙ୍କ ସଂଶୋଧନ ବିନା ଏହି ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ସେମାନେ କହି ଥିଲେ ।

ଉକ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ ଆୟୋଗ ସେପ୍ଟେମ୍ବର ୨୬ରେ ଏକ ପ୍ରେସ୍ ରିଲିଜ୍ ଜାରି କରି ଥିଲେ । ଏଥିରେ ଆୟୋଗ ଦାବି କରିଥିଲେ ଯେ, ସୁପ୍ରିମକୋର୍ଟ ମେ ୨୦୨୬ର ବିହାର ଝଓଜ ରାୟରେ ଏହି ଘୋଷଣାପତ୍ରକୁ ମଞ୍ଜୁରୀ ଦେଇ ଥିଲେ ।

ଭୋଟର ତାଲିକାରେ ନୂଆ ନାମ ଯୋଡ଼ିବା ପାଇଁ ଫର୍ମ-୬ ବ୍ୟବହାର କରାଯାଏ । ଅର୍ଥାତ୍ ଯଦି କୌଣସି ଯୋଗ୍ୟ ବ୍ୟକ୍ତି ପ୍ରଥମ ଥର ପାଇଁ ଭୋଟର ହେବାକୁ ଚାହାନ୍ତି କିମ୍ବା ତାଙ୍କ ନାମ ଭୋଟର ତାଲିକାରେ ନାହିଁ, ତେବେ ସେ ଫର୍ମ-୬ ମାଧ୍ୟମରେ ଆବେଦନ କରି ପାରିବେ । ନାମ ଯୋଡ଼ିବା ପୂର୍ବରୁ ସେହି ବ୍ୟକ୍ତିଙ୍କର ଭୋଟର ହେବାର ଯୋଗ୍ୟତା ଯାଞ୍ଚ କରାଯାଇ ଥାଏ ।

ନିର୍ବାଚନ ଆୟୋଗ ୩୦ ସେପ୍ଟେମ୍ବର ୨୦୨୬ରେ ସେହି ରାଜ୍ୟଗୁଡ଼ିକରେ ଫର୍ମ-୬ରେ ପରିବର୍ତ୍ତନ କରିଥିଲେ ଯେଉଁଠାରେ ଏସ୍‌ଆଇଆର ପ୍ରକ୍ରିୟା ଶେଷ ହୋଇ ସାରିଛି । ଏବେ ଏସ୍‌ଆଇଆର ସମୟରେ ଭୋଟର ତାଲିକାରୁ ନାମ କଟିଯିବା ପରେ ପୁନର୍ବାର ନାମ ଯୋଡ଼ିବା ପାଇଁ ୨୦୦୩ର ଭୋଟର ତାଲିକାର ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ । ଆବେଦନକାରୀଙ୍କୁ ତାଙ୍କର, ତାଙ୍କ ପିତାମାତା କିମ୍ବା ଜେଜେବାପା-ଜେଜେମାଆଙ୍କ ନାମ ୨୦୦୩ ଭୋଟର ତାଲିକାରେ ଥିଲା କି ନାହିଁ ତାହା ଜଣାଇବାକୁ ପଡ଼ିବ ନାହିଁ । ଏଥିପାଇଁ ଫର୍ମ-୬ ସହିତ ଯୋଡ଼ାଯାଇଥିବା ଅତିରିକ୍ତ ଘୋଷଣାପତ୍ରକୁ ମଧ୍ୟ ହଟାଇ ଦିଆଯାଇଛି । ତେବେ ଏହାର ଅର୍ଥ ନୁହେଁ ଯେ ବିନା ଯାଞ୍ଚରେ ଭୋଟର ତାଲିକାରେ ନାମ ଯୋଡ଼ି ହୋଇ ଯିବ । ଭୋଟର ହେବାର ଯୋଗ୍ୟତା ପୂର୍ବପରି ଯାଞ୍ଚ କରାଯିବ ଏବଂ ଫର୍ମ-୬ର ସାଧାରଣ ପ୍ରକ୍ରିୟା ଜାରି ରହିବ । ଏହି ପରିବର୍ତ୍ତନ ବର୍ତ୍ତମାନ କେବଳ ସେହି ରାଜ୍ୟଗୁଡ଼ିକରେ ଲାଗୁ ହୋଇଛି ଯେଉଁଠାରେ ଏସ୍‌ଆଇଆର ଶେଷ ହୋଇଛି ।

# କଲେଜ ନିର୍ବାଚନ ପାଇଁ ତାରିଖ ଘୋଷଣା

## ୯ରେ ନାମାଙ୍କନ, ୧୫ରେ ଭୋଟ୍

ଭୁବନେଶ୍ୱର, ୫/୧୦ (ନି.ସୂ): ବାଜିଲା ବିଗୁଲ୍। କମ୍ପିବ କଲେଜ କ୍ୟାମ୍ପସ୍। ଦୀର୍ଘ ୮ ବର୍ଷ ପରେ ହେବ ଛାତ୍ର ସଂସଦ ନିର୍ବାଚନ । କ୍ୟାମ୍ପସ୍ ଇଲେକ୍ସନ ପାଇଁ ତାରିଖ ଘୋଷଣା । ଆସନ୍ତା ଅକ୍ଟୋବର ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସୂଚନା । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ବୈଠକ ପରେ ସୂଚନା ଦେଲେ ସୂର୍ଯ୍ୟବଂଶୀ ସୁରଜ ।

ସୂଚନାନୁଯାୟୀ, ଛାତ୍ର ସଂସଦ ନିର୍ବାଚନ ନେଇ କଲେଜ ପକ୍ଷରୁ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ । ୯ ତାରିଖରେ ନାମାଙ୍କନ ଦାଖଲ ହେବ । ୧୩ ତାରିଖରେ ହ୍ୱାଏ ଆଇ ଷ୍ଟାଣ୍ଡ ଫର୍ ବୈଠକ ହେବ । ୧୫ ତାରିଖରେ ନିର୍ବାଚନ ହେବ ଏବଂ ୧୬ ତାରିଖରେ ଶପଥ ଗ୍ରହଣ ଉତ୍ସବ ହେବ । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ଖୁବଶୀଘ୍ର ବିଜ୍ଞପ୍ତି ଆସିବ ବୋଲି କହିଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ।

ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆହୁରି କହିଛନ୍ତି ଯେ ପୂର୍ବ ସରକାର ୨୦୧୭ରୁ କଲେଜ୍‌ରେ ଛାତ୍ରସଂସଦ ନିର୍ବାଚନ ବନ୍ଦ କରିଥିଲେ, ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ଲୋକଙ୍କ ସରକାର ପୁଣି ଥରେ ଛାତ୍ରସଂସଦ ନିର୍ବାଚନ କରିବାକୁ ଯାଉଛନ୍ତି।

ଗତ ମାସରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏସମ୍ପର୍କରେ ସବୁଜ ସଙ୍କେତ ଦେବା ପରେ ଏବେ କ୍ୟାମ୍ପସ୍ ରାଜନୀତି ଜୋର ଧରିଛି। ଗ୍ରୀଷ୍ମ ଛୁଟି ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବା କ୍ଷଣି ଛାତ୍ରସଂସଦ ନିର୍ବାଚନ ପାଇଁ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ସଜବାଜ ଦେଖିବାକୁ ମିଳୁଛି। ଛାତ୍ର ସଂଗଠନ ଅଖିଳ ଭାରତୀୟ



ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଛାତ୍ର ବିଜେଡି ଓ କଂଗ୍ରେସର ଛାତ୍ର ନେତାମାନେ ପ୍ରତିଥର ପରି ଏଥର ମଧ୍ୟ କ୍ୟାମ୍ପସ୍‌ରେ ନିଜର ପତିଆରା ଜାହିର କରିବାକୁ ଲାଗିପଡ଼ିଲେଣି। ସଙ୍ଗଠନର ପୁରୁଣା ଛାତ୍ରନେତାମାନେ କ୍ୟାମ୍ପସ୍‌ରେ ଚକ୍କର କାଟିବା ସହ କିଭଳି ଭାବେ ନବାଗତ ଛାତ୍ରଛାତ୍ରୀଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବେ, ସେନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଆଇଏସଏଫ୍, ଡିଏସ୍‌ଓ, ଏସଏଫ୍‌ଆଇ ପରି ଛାତ୍ର ସଂଗଠନ ମଧ୍ୟ ନିଜ ନିଜ ସ୍ତରରେ ପ୍ରସ୍ତୁତି ଚଳାଇଛନ୍ତି।

ଆସନ୍ତା ୧୦ ତାରିଖରୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହେବାକୁ ଥିବାରୁ କ୍ୟାମ୍ପସ୍‌ରେ ରାଜନୈତିକ ବାତାବରଣ ଉଷ୍ମ ହେଉଛି। ରାଜନୀତିର ଏନ୍ତୁଡ଼ିଶାଳ କୁହାଯାଉଥିବା ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଷ୍ମତା ଧୀରେ ଧୀରେ ବଢୁଛି। ତିନିଟି ଯାକ ଛାମୁଆ ସଂଗଠନ କ୍ୟାମ୍ପସ୍‌ରେ ହେଲ୍‌ପ ଡେସ୍କ ଆରମ୍ଭ ଦିଗରେ ପଦକ୍ଷେପ ନେଇଛନ୍ତି। ନବାଗତ ଛାତ୍ରଛାତ୍ରୀ କ୍ୟାମ୍ପସ୍‌ରେ ପାଦ ଥାପିବା କ୍ଷଣି କିଭଳି ସଙ୍ଗଠନ ମୋହରେ ପଡ଼ିବେ ସେନେଇ ଛାତ୍ର ସଙ୍ଗଠନ ସଦସ୍ୟମାନେ ଲାଗିପଡ଼ିଛନ୍ତି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଜଧାନୀ ମହାବିଦ୍ୟାଳୟ, ଦେବରାୟ ଡିଗ୍ରି ମହାବିଦ୍ୟାଳୟ, ବେସିକ୍ ସାଇନ୍ସ କଲେଜ, ମହର୍ଷି କଲେଜ, କମଳା ନେହେରୁ ମହିଳା ମହାବିଦ୍ୟାଳୟ ପରି ଶିକ୍ଷାନୁଷ୍ଠାନରେ ତିନିଟି ଯାକ ସଙ୍ଗଠନ ନିଜର ପତିଆରା ଜାହିର କରିବାକୁ ଲାଗିପଡ଼ିଛନ୍ତି। ବହୁବର୍ଷ ବ୍ୟବଧାନରେ ଛାତ୍ରସଂସଦ ନିର୍ବାଚନ ହେଉଥିବାରୁ ୩ଟି ଛାମୁଆ ସଙ୍ଗଠନ ନୂଆ ମୁହଁ ଖୋଜୁଛନ୍ତି। ଅଧିକାଂଶ ସ୍ଥାନରେ ନିଜ ନିଜର ପତିଆରା ଜାହିର କରିବାକୁ ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ବିଭିନ୍ନ ଦଳର ନେତାମାନେ ସେମାନଙ୍କ ସମର୍ଥିତ ଛାତ୍ର ସଙ୍ଗଠନ ଓ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇଦେବାର ବ୍ୟବସ୍ଥା କରୁଛନ୍ତି।

## ସୁପ୍ରିମକୋର୍ଟରେ ୩ ନୂଆ ବିଚାରପତି ନିଯୁକ୍ତ



ନୂଆଦିଲ୍ଲୀ ୬/୧୦: ସୋମବାର ଦିନ ସୁପ୍ରିମକୋର୍ଟରେ ତିନି ଜଣ ନୂତନ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ନିଯୁକ୍ତି ଦ୍ୱାରା ସୁପ୍ରିମକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ସଂଖ୍ୟା ୩୭ କୁ ବୃଦ୍ଧି ପାଇବ, ଯାହା ଅନୁମୋଦିତ ୩୮ ଜଣଙ୍କ ସଂଖ୍ୟାରୁ କେବଳ ଗୋଟିଏ କମ୍ । କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ନିଯୁକ୍ତି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁନିତା ଅଗ୍ରୱାଲ, ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅପରେଶ କୁମାର ସିଂହଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବରେ ନିଯୁକ୍ତ କରାଯାଇଛି । ସୁପ୍ରିମ କୋର୍ଟ କଲେଜିୟମ୍ ସେପ୍ଟେମ୍ବର ୨୮ ରେ ଏହି ତିନି ବିଚାରପତିଙ୍କ ନାମ ସୁପାରିଶ କରିଥିଲେ । ବର୍ତ୍ତମାନ, ସୁପ୍ରିମକୋର୍ଟରେ ୩୪ ଜଣ ବିଚାରପତି ଅଛନ୍ତି । ତିନି ଜଣ ନୂତନ ବିଚାରପତିଙ୍କ ଆନୁଷ୍ଠାନିକ ଶପଥ ଗ୍ରହଣ ପରେ, ସୁପ୍ରିମକୋର୍ଟର ପ୍ରଭାବଶାଳୀ ସଦସ୍ୟ ସଂଖ୍ୟା ୩୭ କୁ ବୃଦ୍ଧି ପାଇବ । ଭାରତର ମୁଖ୍ୟ ବିଚାରପତିଙ୍କ ସମେତ ସୁପ୍ରିମକୋର୍ଟର ଅନୁମୋଦିତ ସଦସ୍ୟ ସଂଖ୍ୟା ୩୮ । ସମ୍ପ୍ରତି, ସୁପ୍ରିମକୋର୍ଟ ସଂଶୋଧନ ଆଇନ, ୨୦୨୬ ପରେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ଅନୁମୋଦିତ ସଦସ୍ୟ ସଂଖ୍ୟା ୩୪ ରୁ ୩୮ କୁ ବୃଦ୍ଧି କରାଯାଇଛି ।କିଛି ଦିନ ପୂର୍ବରୁ, ଦିଲ୍ଲୀର ଅଧସ୍ତନ ଅଦାଲତର ସାତ ଜଣ ନ୍ୟାୟିକ ଅଧିକାରୀ ଦିଲ୍ଲୀ ହାଇକୋର୍ଟରେ ବିଚାରପତି ଭାବରେ ଶପଥ ଗ୍ରହଣ କରିଥିଲେ । ସୁପ୍ରିମକୋର୍ଟ କଲେଜିୟମର ସୁପାରିଶ ପରେ, କେନ୍ଦ୍ର ସରକାର ସେପ୍ଟେମ୍ବର ୧୯ ରେ ଏହି ନିଯୁକ୍ତି ପାଇଁ ଏକ ବିଜ୍ଞପ୍ତି ଜାରି କରିଥିଲେ। ଏହି ନିଯୁକ୍ତି ସହିତ, ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ସଂଖ୍ୟା ୫୦କୁ ବୃଦ୍ଧି ପାଇଛି, ଯେତେବେଳେ ମୋଟ ମଞ୍ଜୁରୀପ୍ରାପ୍ତ ବିଚାରପତି ସଂଖ୍ୟା ୬୦।

# ଗୋଟିଏ ଦିନରେ ୨୭ ଜଣ ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର ୫/୧୦ (ନି.ସୂ): ରାଜ୍ୟ ସରକାର ଆଜି (ସୋମବାର) ବରିଷ୍ଠ ଓଏଏସ୍ ଅଧିକାରୀସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଗୋଟିଏ ଦିନରେ ୨୭ଜଣ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ବଦଳି କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର ଶୁଭାଶିଷ ମାନସିଂହଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ବିବେକାନନ୍ଦ ସାହୁଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିସନର, ଯାଜପୁର ଡେପୁଟି କଲେକ୍ଟର ବାସୁଦେବ ନାୟକଙ୍କୁ କେନ୍ଦ୍ରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର (ବନ୍ଦୋବସ୍ତ ଓ ଚକବନ୍ଦୀ), ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ, ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିସନର ଆଶୁତୋଷ ସାମଲଙ୍କୁ ଓଡ଼ିଶା ମାନବାଧିକାର ଆୟୋଗ ସଚିବ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ସରୋଜ କୁମାର



ସ୍ୱାଇଁଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷ ସଚିବ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧାର ବେହେରାଙ୍କୁ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ, ବଣାଇଗଡ଼ର ପୂର୍ବତନ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗର ଉପସଚିବ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କୁ ପର୍ଯ୍ୟଟନ ବିଭାଗର ଉପସଚିବ, ପାରଳାଖେମୁଣ୍ଡି ପୂର୍ବତନ ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି।

ଦେବଗଡ଼ ଉପଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଉପସଚିବ, ରେଢ଼ାଖୋଲ ପୂର୍ବତନ ଉପଜିଲ୍ଲାପାଳ ରଶ୍ମିରଂଜନ ମହାନ୍ତଙ୍କୁ ଦେବଗଡ଼ ଉପଜିଲ୍ଲାପାଳ, ଭବାନୀପାଟଣା ପୂର୍ବତନ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କୁ ପାନପୋଷର ଉପଜିଲ୍ଲାପାଳ, ବରଗଡ଼ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ କିଶୋର କୁମାର ପଣ୍ଡାଙ୍କୁ ନୟାଗଡ଼ ଉପଜିଲ୍ଲାପାଳ, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଉପସଚିବ, ଜୟପୁର ପୂର୍ବତନ ଉପଜିଲ୍ଲାପାଳ ଯଦୁମଣି ନାଏକଙ୍କୁ ବୌଦ୍ଧ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ, ତାଳଚେର ପୂର୍ବତନ ଉପଜିଲ୍ଲାପାଳ ଆଶିଷ ରଂଜନ ସାହୁଙ୍କୁ ଅନୁଗୋଳର ଉପଜିଲ୍ଲାପାଳ, କୋରାପୁଟ ପୂର୍ବତନ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କୁ ଓଡ଼ିଶା ୟୁନିଫର୍ମଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିସନର ଉପସଚିବ, କପ୍ତିପଦା ଉପଜିଲ୍ଲାପାଳ ପ୍ରଣୟ ରଞ୍ଜନ ବେହେରାଙ୍କୁ ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଭାବେ ବଦଳି ହୋଇଛି।

ଫକିରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ରେଜିଷ୍ଟ୍ରାର ମନୋରମା ଭୂୟାଁଙ୍କୁ କଟକସ୍ଥିତ ଜମି ରେକର୍ଡସ ଏବଂ ସେଟେଲମେଣ୍ଟ କମିସନରଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର, ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ବିଏମ୍‌ସିର ଅତିରିକ୍ତ କମିସନର, ବିଏମ୍‌ସିର ଅତିରିକ୍ତ କମିସନର କୈଳାଶ ଚନ୍ଦ୍ର ଦାସଙ୍କୁ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ, କାଶୀନଗର ବିଡିଓ ଡମ୍ବୁରୁଧର ମଲ୍ଲିକଙ୍କୁ ବଲାଙ୍ଗୀରର ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ଓବିସିସିର ସାଧାରଣ ପ୍ରବନ୍ଧକ, ପୁରୀ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରାଙ୍କୁ ଉଦଳା ଉପଜିଲ୍ଲାପାଳ, କେନ୍ଦୁଝର ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡି.ଏସ୍ ଶୁଭଦର୍ଶୀ ଯୋଶୀଙ୍କୁ ଚମ୍ପୁଆ ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି। ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପୃଥକ ପୃଥକ ୪ଟି ବିଜ୍ଞପ୍ତି ପ୍ରକାଶ ପାଇଛି।

## କୁଲଡିହା ଅଭୟାରଣ୍ୟରେ ବନ ବିଭାଗର ଚଢ଼ଉ

# ୫ ବନ୍ଧୁକ ସହ ଧରାପଡିଲେ ୬ ଶିକାରୀ

ନୀଳଗିରି,୦୫/୧୦(ନି.ସୂ): ନୀଳଗିରି ଉପଖଣ୍ଡସ୍ଥ କୁଲଡିହା ଅଭୟାରଣ୍ୟରେ ଶିକାରୀଙ୍କ ବିରୋଧରେ ବନ ବିଭାଗକୁ କିଛିଟା ସଫଳତା ମିଳିଛି । ଔପଦା ସେକ୍ସନ ବେତେଇ ବିଟ୍ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଗତ ଶନିବାର ସନ୍ଧ୍ୟା ପ୍ରାୟ ୫ଟାରେ କବାଟଘାଇ ଗାଁ ନିକଟରୁ ଜଣେ ଶିକାରୀ ଭୂୟାଁ ସିଂ (୩୦)କୁ ଧରିଥିଲା । ତା' ପାଖରୁ ୧୦୦ ଗ୍ରାମ କଳା ବାରୁଦ ଓ ୩୦ଟି ଲୁହା ଗୁଳି ଜବତ ହୋଇଥିଲା । ପଚରାଉଚରା ବେଳେ ସେ ଅନ୍ୟ ସହଯୋଗୀଙ୍କ ନାଁ କହିଥିଲା । ଡିଏଫଓଙ୍କ ନିର୍ଦ୍ଦେଶରେ ସୋର ୱାଇଲ୍ଡଲାଇଫ୍ ରେଞ୍ଜ ଓ କୁଲଡିହା ରେଞ୍ଜ ମିଳିତ ଟିମ୍ ଗତ ଶନିବାର ରାତି ୧୧ଟା ୩୦ରେ ଚଢ଼ଉ କରି ୫ ଶିକାରୀଙ୍କୁ ଧରିବାରେ ସଫଳ ହୋଇଛନ୍ତି । ଗିରଫ ହୋଇଥିବା ଶିକାରୀ ଲକ୍ଷ୍ମଣ ସିଂ ଠାରୁ ଗୋଟିଏ ବନ୍ଧୁକ, ୨୩୦ ଗ୍ରାମ କଳା ବାରୁଦ, ୭୦ ଗ୍ରାମ ଧଳା ବାରୁଦ, ୫୦ଟି ଲୁହା ଗୁଳି ଜବତ ହୋଇଥିବା ବେଳେ ଜଟିଆ ସିଂ ଠାରୁ ଗୋଟିଏ ବନ୍ଧୁକ, ଜାଙ୍ଗରାଇ ସିଂ ଠାରୁ ଗୋଟିଏ ବନ୍ଧୁକ, ୧ ଧନୁ ଓ ୩ଟି ତୀର ଜବତ ହୋଇଛି । ସେହିପରି ଗୋପାଳ ସିଂ ଠାରୁ ୧୩ ସେଟ୍ ଫାନ୍ଦ ବନ୍ଧୁକ ଏବଂ ବିରା ଜାରକା ଠାରୁ ବନ୍ଧୁକ ଜବତ ହୋଇଛି । ସମୁଦାୟ ୬ ଶିକାରୀଙ୍କ ଠାରୁ ୫ଟି ହାତ ତିଆରି ବନ୍ଧୁକ ଜବତ ହୋଇଥିବା ଜଣାପଡିଛି । ୬ଜଣଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି । ଏହି ଚଢ଼ଉରେ ସୋର ରେଞ୍ଜ ଅଫିସର ଭାଗ୍ୟଶ୍ରୀ ଦାସ, କୁଲଡିହା ଭାରପ୍ରାପ୍ତ ରେଞ୍ଜର ସୌମ୍ୟରଞ୍ଜନ ମାଝୀ, କୁପାରୀ ସେକ୍ସନ ଫରେଷ୍ଟର ଦୁଷ୍ମନ୍ତ କୁମାର ଜେନା, ଔପଦା ଫରେଷ୍ଟର ଇତିଶ୍ରୀ ମହାପାତ୍ର, ଖୁଣ୍ଟାପାଟଣା ଫରେଷ୍ଟର ମିନତୀ ମାଝୀ, ଦାନ୍ତୁରା ବିଟ୍ ଫରେଷ୍ଟ ଗାର୍ଡ ଶଶୀକଳା ସାହୁ, ସୀତାମଣି ଟୁଡୁ, ରାଜଶ୍ରୀ ରାଜନନ୍ଦିନୀ ରାଉତ, ମନୋରଞ୍ଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

## ନବୀକୃତ ବିଶ୍ୱସ୍ତରୀୟ କଳିଙ୍ଗ ଷ୍ଟୁଡ଼ିଓର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# 'ଲୋକକଥା ଓ ଇତିହାସକୁ ଆଧାର କରି ସିନେମା ନିର୍ମାଣ କରନ୍ତୁ ଯୁବପିଢ଼ି'

ଭୁବନେଶ୍ୱର,୫ ।୧୦(ନି.ସୂ) : ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡ଼ିବ ନାହିଁ। ଅତ୍ୟାଧୁନିକ କଳିଙ୍ଗ ଷ୍ଟୁଡ଼ିଓରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ।ଭୁବନେଶ୍ୱରରେ ପୁନର୍ବିକଶିତ ଓ ନବୀକୃତ ବିଶ୍ୱସ୍ତରୀୟ କଳିଙ୍ଗ ଷ୍ଟୁଡ଼ିଓର ସୋମବାର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ୍ୟ ଶୁଭାରମ୍ଭ ହୋଇଛି।

ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡ଼ିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡ଼ିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି। ଏଠାରେ ଇନଡୋର୍ ଶୁଟିଂ ଫ୍ଲୋର୍, ସ୍ନୋ-ହାଉସ୍, କ୍ରୋମା ଫ୍ଲୋର୍, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡ଼ିଓ ଏବଂ ଓଡ଼ିଆ ସିନେମାର ପୁରୁଣା ଇତିହାସକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ପଚାଶ ଓ ଷାଠିଏ ଦଶକରେ 'ମା', 'ଅମଡ଼ାବାଟ', 'ମାଟିର ମଣିଷ' ପରି କାଳଜୟୀ ଚଳଚ୍ଚିତ୍ରଗୁଡ଼ିକ ଓଡ଼ିଆ ସାହିତ୍ୟ ସହିତ



ସିନେମାର ଏକ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିଥିଲା। ଓଡିଶାରେ ସିନେମା ନିର୍ମାଣ କରିବା ପାଇଁ ୧୯୮୦ ମସିହାରେ କଳିଙ୍ଗ ଷ୍ଟୁଡ଼ିଓ ପ୍ରତିଷ୍ଠା ହୋଇଥିଲେ ମଧ୍ୟ, ସମୟକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଯୁକ୍ତିବିଦ୍ୟାରେ ଆସିଥିବା ଦ୍ରୁତ ପରିବର୍ତ୍ତନ କାରଣରୁ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡ଼ିଥିଲା।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ଅଛନ୍ତି। କଳିଙ୍ଗ ଷ୍ଟୁଡ଼ିଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ। ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାର ରୂପାନ୍ତରଣ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ପୁନଃବିକଶିତ କଳିଙ୍ଗ ଷ୍ଟୁଡିଓକୁ ଏକ ଅତ୍ୟାଧୁନିକ ଫିଲ୍ମ ଷ୍ଟୁଡିଓ କମ୍ପ୍ଲେକ୍ସ ଭାବରେ ବିକଶିତ କରାଯାଇଛି । ଏଠାରେ ଚଳଚ୍ଚିତ୍ରର ପ୍ରଡକ୍ସନ୍ ଠାରୁ ଆରମ୍ଭ କରି ପୋଷ୍ଟ-ପ୍ରଡକ୍ସନ୍ ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତା ପୂରଣ କରିବାର ସୁବିଧା ରହିଛି। ଚଳଚ୍ଚିତ୍ର ଶିଳ୍ପ କେବଳ କେବଳ ମନୋରଞ୍ଜନର କ୍ଷେତ୍ର ନୁହେଁ, ବରଂ ଏହା ଏକ ବିଶାଳ ଆର୍ଥିକ ଇକୋସିଷ୍ଟମ୍ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଏହି ଅବସରରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ନୂତନ ଅଫିସିଆଲ୍ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡ଼ିଓର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ଓଡ଼ିଶା ଆସୁଛନ୍ତି ଅମିତ ଶାହ ଓ ରାଜନାଥ ସିଂହ



ଭୁବନେଶ୍ୱର ୫/୧୦ (ନି.ସୂ): ଆସନ୍ତାକାଲି ଦିନିକିଆ ଓଡ଼ିଶାଗସ୍ତରେ ଆସିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଉଭୟେ ମଙ୍ଗଳବାର ଦିନ ସୁନାବେଡ଼ାଠାରେ ଥିବା ହିନ୍ଦୁସ୍ତାନ୍ ଏରୋନେଟିକ୍ସ ଲିମିଟେଡ୍(ହାଲ୍) ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ସୂଚନା ରହିଛି।

ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଗସ୍ତକୁ ଆଖି ଆଗରେ ରଖି କୋରାପୁଟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।






# ହାତରେ ହାତ ମିଶାଇ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ମା' ଦୁର୍ଗାଙ୍କ ପୂଜା: ଆଇଜିପି

**କଟକ, ୫।୧୦(ନି.ସୂ) :** ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳା ଓ ଭାଇଚାରାର ସହ ପାଳନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ରାଞ୍ଚଳ ଆଇଜିପି ଡଃ ସତ୍ୟଜିତ ନାୟକ। "ଆସନ୍ତୁ, ହାତରେ ହାତ ମିଶାଇ ମା' ଦୁର୍ଗାଙ୍କ ପୂଜାକୁ ଆନନ୍ଦ, ଭକ୍ତି ଓ ଶାନ୍ତିର ସହ ପାଳନ କରିବା। ପୁଲିସ ସମସ୍ତ ନିୟମ ମାନି ଚଳିବା ସହ ସମାଜର ପ୍ରତ୍ୟେକ ନାଗରିକ ମଧ୍ୟ ଆଇନ ଓ ନିୟମ ପ୍ରତି ସମ୍ମାନ ରଖନ୍ତୁ," ବୋଲି ଡଃ ନାୟକ କହିଛନ୍ତି।

ଦୁର୍ଗାପୂଜା ଅବସରରେ ସୁରକ୍ଷିତ ଓ ଶୃଙ୍ଖଳିତ ପରିବେଶ ବଜାୟ ରଖିବା ପାଇଁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି। ପୂଜା ମଣ୍ଡପ, ଭିଡ଼ ଅଞ୍ଚଳ, ରାସ୍ତାଘାଟ ଓ ବିସର୍ଜନ ଶୋଭାଯାତ୍ରା ସମୟରେ ସମସ୍ତେ ସଚେତନ ଓ ଦାୟିତ୍ୱବାନ ହୋଇ ଚଳିବାକୁ ସେ ଅନୁରୋଧ କରିଛନ୍ତି। ପୂଜା କମିଟି ଓ ସାଧାରଣ ଲୋକଙ୍କ ସହଯୋଗରେ ଉତ୍ସବକୁ ସୁରକ୍ଷିତ ଓ ସୁନ୍ଦର ଭାବେ ପାଳନ କରାଯାଇପାରିବ ବୋଲି ସେ କହିଛନ୍ତି। ନିଶାସେବନରୁ ଦୂରେଇ ରହିବାକୁ ଆହ୍ୱାନ ଦେଇ ଆଇଜିପି କହିଛନ୍ତି ଯେ, ପୂଜା ହେଉଛି ଆନନ୍ଦ ଓ ଭକ୍ତିର ପର୍ବ। ଏହି ପବିତ୍ର ଅବସରରେ କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ କରି ନିଜ ପାଇଁ କିମ୍ବା ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିବା ଉଚିତ ନୁହେଁ। ନିଶାସେବନ କରି ଗାଡ଼ି ଚଳାଇବାଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ସହ ଯୁବପିଢ଼ିଙ୍କୁ ମଧ୍ୟ ନିଶାମୁକ୍ତ ଉତ୍ସବ ପାଳନ ପାଇଁ ସେ ଆହ୍ୱାନ ଦେଇଛନ୍ତି।



ପୁଲିସ କର୍ମଚାରୀମାନେ ମଧ୍ୟ ନିଜ କର୍ତ୍ତବ୍ୟ ପାଳନ ସମୟରେ ସମସ୍ତ ବିଭାଗୀୟ ନିୟମ, ଆଚରଣବିଧି ଓ ଆଇନକୁ ଅନୁସରଣ କରିବା ସହ ଲୋକଙ୍କ ସହ ଶାଳୀନ ଓ ମାନବିକ ବ୍ୟବହାର କରିବା ଆବଶ୍ୟକ ବୋଲି ଡଃ ନାୟକ କହିଛନ୍ତି। ପୂଜା ସମୟରେ ପୁଲିସର ଦାୟିତ୍ୱ କେବଳ ଆଇନଶୃଙ୍ଖଳା ରକ୍ଷାରେ ସୀମିତ ନୁହେଁ; ଭକ୍ତ ଓ ସାଧାରଣ ଲୋକଙ୍କୁ ଆବଶ୍ୟକ ସହଯୋଗ ଯୋଗାଇବା ମଧ୍ୟ ପୁଲିସର ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଛନ୍ତି।

ପୂଜା ସମୟରେ ଗୁଜବ କିମ୍ବା ଉତ୍ତେଜନା ସୃଷ୍ଟି କରୁଥିବା ଖବର ଓ ସୋସିଆଲ୍ ମିଡିଆ ପୋଷ୍ଟରୁ ଦୂରେଇ ରହିବାକୁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। କୌଣସି ସନ୍ଦେହଜନକ ଘଟଣା କିମ୍ବା ଆଇନଶୃଙ୍ଖଳା ସମ୍ପର୍କିତ ସମସ୍ୟା ଦେଖାଦେଲେ ନିଜେ ଆଇନକୁ ହାତକୁ ନନେଇ ତୁରନ୍ତ ପୁଲିସକୁ ଜଣାଇବାକୁ ସେ କହିଛନ୍ତି। ସୋସିଆଲ୍ ମିଡିଆରେ ଅପ୍ରମାଣିତ ସୂଚନା ପ୍ରସାର ନକରିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି।

"ପୂଜା ଆମ ସମସ୍ତଙ୍କର। ଏହାକୁ ସୁନ୍ଦର, ନିରାପଦ ଓ ଶାନ୍ତିପୂର୍ଣ୍ଣ କରିବା ମଧ୍ୟ ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ। ପୁଲିସ ଓ ଜନସାଧାରଣ ପରସ୍ପରର ହାତ ଧରି ଚାଲିଲେ ମା' ଦୁର୍ଗାଙ୍କ ପୂଜା ଅଧିକ ଆନନ୍ଦମୟ ଓ ଶୃଙ୍ଖଳିତ ହୋଇପାରିବ," ବୋଲି ଡଃ ସତ୍ୟଜିତ ନାୟକ କହିଛନ୍ତି। ସେ ସମସ୍ତଙ୍କୁ ନିଶାମୁକ୍ତ, ଶାନ୍ତିପୂର୍ଣ୍ଣ ଓ ନିୟମାନୁଗତ ଭାବେ ଉତ୍ସବ ପାଳନ କରିବା ସହ ଭାଇଚାରା ଓ ସାମାଜିକ ସଦ୍ ?ଭାବ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି।

# ଗଞ୍ଜେଇ ଜବତ, ଯୁବକ ଗିରଫ

**କନ୍ଧମାଳ, ୫।୧୦(ନି.ସୂ) :** କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୮ କିଲୋଗ୍ରାମ ଗଞ୍ଜେଇ ସହ ଏକ ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଅବକାରୀ ବିଭାଗ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଗୋଛାପଡ଼ା ଅଞ୍ଚଳରୁ ଆଠମଲ୍ଲିକ ଅଭିମୁଖେ ଏକ ଗାଡ଼ିରେ ବିପୁଳ ପରିମାଣର ଗଞ୍ଜେଇ ବେଆଇନ ଭାବେ ଚୋରାଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଗୁପ୍ତ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଅବକାରୀ ଇନ୍ସପେକ୍ଟର ବିନୋଦ କୁମାର ବାସ୍କେଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ରାଣୀପଥର ଘାଟି ନିକଟରେ ଯାନବାହନ ଯାଞ୍ଚ ଆରମ୍ଭ କରିଥିଲା।

ଯାଞ୍ଚ ସମୟରେ ଅବକାରୀ ଟିମ୍ ଏକ ସନ୍ଦେହଜନକ ଗାଡ଼ିକୁ ଅଟକାଇ ତଲାସୀ ନେଇଥିଲା। ତଲାସୀ ବେଳେ ଗାଡ଼ିରୁ ୪୮ କିଲୋଗ୍ରାମ ଗଞ୍ଜେଇ ମିଳିଥିଲା। ପରେ ଅବକାରୀ ବିଭାଗ ଗଞ୍ଜେଇ ସହ ଚୋରାଚାଲାଣରେ ବ୍ୟବହୃତ ଗାଡ଼ିଟିକୁ ଜବତ କରିଥିଲା।



ଏହି ଘଟଣାରେ ଗୋଛାପଡ଼ା ଥାନା ଅନ୍ତର୍ଗତ ବନ୍ଧୁଲି ଗ୍ରାମର କଛିପ କହଁର (୨୪)ଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନଂ-୬୯/୨୬ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ବେଆଇନ ନିଶା କାରବାର ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ଏବଂ ଗଞ୍ଜେଇ କେଉଁଠାକୁ ଚାଲାଣ ହେଉଥିଲା, ସେନେଇ ଅବକାରୀ ଇନ୍ସପେକ୍ଟର ଶ୍ରୀ ବାସ୍କେଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଛି।

# ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଂଶଧାରାରେ ତିଳତର୍ପଣ ଦେଲେ ଲୋକେ

**ଗୁଡାରୀ, ୫।୧୦(ନି.ସୂ) :** ପବିତ୍ର ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ଠାରୁ ୧୫ ଦିନ ହିନ୍ଦୁ ଧର୍ମ ଅନୁଯାଇ ଅପରପକ୍ଷ କୁହାଯାଏ । ପୂର୍ବ ପୁରୁଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜଳାଶୟ ମାନଙ୍କରେ ତିନିପୁରୁଷଙ୍କୁ ତିଳ ତର୍ପଣ କରିବା ପରମ୍ପରା ରହିଛି। ସେହି ଅନୁସାରେ ଗୁଡାରୀର



କିଛି ହିନ୍ଦୁ ବ୍ରାହ୍ମଣ ପରିବାର ନିଜ ନିଜ ନିତ୍ୟକର୍ମ ସାରି ବଂଶଧାରା ନଦୀ ତଟରେ ଶୁଦ୍ଧ ପୂତ ଭାବେ ପଣସପତ୍ରରେ ଫୁଲ,ଚନ୍ଦନ,କୁଶ, ଅକ୍ଷତ କଳାରାସି, ଧୂପ,ଦିପ ସହ ଋଷି, ପିତୃପୁରୁଷ ଉଦ୍ଦେଶ୍ୟରେ ପ୍ରଥମେ ଦ୍ୱେତର୍ପଣ, ଋଷି ତର୍ପଣ, ପିତୃ ତର୍ପଣ କରି ପିତୃ ପୁରୁଷଙ୍କୁ ଆବାହନ କରି ୧୫ ଦିନ ପର୍ଯ୍ୟନ୍ତ ତିଳ ତର୍ପଣ କରିଥାନ୍ତି ଓ ଅକ୍ଷ୍ୟମ ବ୍ୟକ୍ତି ମାନେ ନିଜ ନିଜ ଘରେ ତର୍ପଣ କରିଥାନ୍ତି ।

ଏହି ସମୟରେ ଆମିଷ ଭୋଜନ, ପରଘରେ ଭୋଜନ ଓ ଦୁଇ ବେଳା ଭୋଜନ ନିଷେଧ ହୋଇଥାଏ। ଏହାଦ୍ୱାରା ପିତୃ ପୁରୁଷ ସନ୍ତୁଷ୍ଟ ହୋଇ ପରିବାରଙ୍କ ମଙ୍ଗଳ କାମନା କରିବା ପରମ୍ପରା ରହିଛି ପିତୃପୁରୁଷ ମାନେ ଆସନ୍ତା ଦିପାବଳି ଅମାବାସ୍ୟା ପର୍ଯ୍ୟନ୍ତ ମର୍ତ୍ତ୍ୟ ଲୋକରେ ରହିଥାନ୍ତି । ଦିପାବଳି ଅମାବାସ୍ୟା ଦିନ ପିତୃପୁରୁଷଂକ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେବା ସହ ସେମାନଙ୍କୁ ସନ୍ତୁଷ୍ଟ କରିବାପାଇଁ କୁକୁର,ଗାଇ,କୁଆଙ୍କୁ ଖାଦ୍ୟ ଦେଇ ବିଦା କରି ପୁଣ୍ୟ ଅର୍ଜନ କରିବା ପରମ୍ପରା ରହିଛି।

# ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ତେଲେଙ୍ଗାପେଣ୍ଠ, ୫।୧୦(ନି.ସୂ) :** ଆଞ୍ଚଳିକ ଶାନ୍ତି କମିଟି ସଇନ୍ଦା ନଛିପୁର ପକ୍ଷରୁ ଆସନ୍ତା ୨୫ ତାରିଖରେ ମା'ଗଜଲକ୍ଷ୍ମୀ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ପ୍ରଦୀପ କୁମାର ଦାସଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଡିସିପି ରଞ୍ଜିତ କୁମାର ପୃଷ୍ଟି ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ କଟକ ସଦର ଆଇଆଇସି ତୁଷାର କାନ୍ତ ସେଠୀ, ୪ନଂ ଜୋନ୍, ଜିଲ୍ଲା ପରିଷଦ ସଦସ୍ୟା ଆଶାଲତା ବେହେରା, ସ୍ଥାନୀୟ ସମିତିସଭ୍ୟ ଶୁକଦେବ ମଲ୍ଲିକ, ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟର ସଂପାଦକ ସୁରେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯେଗଦେଇଥିଲେ।




ଆଞ୍ଚଳିକ ଶାନ୍ତି କମିଟି ଦ୍ୱାରା ପରିଚାଳିତ ୧୧ଟି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ୭ ଦିନ ଧରି ବହୁ ଆଡମ୍ବର ସହକାରେ କରାଯାଇଥାଏ । ଭସାଣୀ ଦିନ ମେଢ ଗୁଡିକ ନଛିପୁର ସ୍ଥିତ ମା'ମଙ୍ଗଳା ମନ୍ଦିରରୁ ଭୋଗ ହାଣ୍ଡି ପାଇଲା ପରେ ସେଠାରୁ ଶୋଭଯାତ୍ରାରେ ବାହାରି ସଇନ୍ଦା-ବାଲିସାହି ସ୍ଥିତ ଏକ ଅସ୍ଥାୟୀ ଜଳାଶୟରେ ମୂର୍ତି ଗୁଡିକୁ ବିସର୍ଜନ କରାଯାଇଥାଏ। ସାତ ଧରି ଅନୁଷ୍ଠିତ ଏହି ପୂଜା ପାର୍ବଣ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବାକୁ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ମାନଙ୍କର ସହଯୋଗ କାମନା କରିବା ସହିତ ଶୃଙ୍ଖଳା ରକ୍ଷା ନିମନ୍ତେ ଅଧିକ ପୋଲିସ୍ ମୁତୟନ କରାଯିବ ବୋଲି ଆଇଆଇସି ଶ୍ରୀ ସେଠୀ କହିଥିଲେ ।

ଏତଦ୍ ବ୍ୟତୀତ ପ୍ରତ୍ୟେକ ପୂଜା କମିଟିରୁ ୧୦ ଜଣ ଲେଖାଁଏ ସ୍ୱେଚ୍ଛାସେବୀଙ୍କୁ ଥାନା ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରା ଯିବ ଓ ପ୍ରତ୍ୟେକ ମଣ୍ଡପରେ ସିସି କ୍ୟାମେରା ଲଗାଇବା ପାଇଁ ପରାମର୍ଶ ଦେଇଥିଲେ । ପ୍ରଶାସନର ପୂଜା ସଂପର୍କିତ ସମସ୍ତ ନୀତି ନିୟମକୁ ସମ୍ମାନ ଜଣାଇ ପର୍ବଟିକୁ ପାଳନ କରିବା ପାଇଁ ସବୁ କ୍ଷେତ୍ରରେ ପ୍ରଶାସନକୁ ସହଯୋଗ କରିବେ ବୋଲି ଶାନ୍ତ କମିଟର କର୍ମକର୍ତାମାନେ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଶାନ୍ତି କମିଟି ପକ୍ଷରୁ ୧୧ଟି ପୂଜା କମିଟିର ସଭାପତି ଓ ସମ୍ପାଦକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଶାନ୍ତ କମିଟର ସମ୍ପାଦକ ସଞ୍ଜୟ ମୁଦୁଲି, ଉପ ସଭାପତି ପ୍ରମେଦ କୁମାର ସାହୁ, ସହ ସଂପାଦକ ବିଭୂତି ଭୂଷଣ ତରାଇ ଓ କୋଷାଧ୍ୟକ୍ଷ ଭାବଗ୍ରହୀ ସହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତ୍ରିବିକ୍ରମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା କଂଗ୍ରେସ ସମ୍ପାଦକ ଭାବେ ସ୍ମାରକ ମାଜୀ ନିଯୁକ୍ତ

**ବାରିପଦା, ୫।୧୦(ନି.ସୂ) :** ମୟୂରଭଞ୍ଜ ଜିଲ୍ଲା (ପୂର୍ବ) କଂଗ୍ରେସ ସଂଗଠନରେ ମୋରଡା ବ୍ଲକ ଚିତ୍ରଡା ଅଞ୍ଚଳର ଯୁବ ନେତା ସ୍ମାରକ ମାଜୀଙ୍କୁ ମିଳିଛି ନୂଆ ଦାୟିତ୍ୱ। ତାଙ୍କୁ ଜିଲ୍ଲା କଂଗ୍ରେସ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିବା ଜଣାପଡ଼ିଛି।



ଏହି ନିଯୁକ୍ତି ପରେ ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା, କର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଏବଂ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ନୂଆ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି। ନୂଆ ଦାୟିତ୍ୱ ମିଳିବା ପରେ ସ୍ମାରକ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରି ସଂଗଠନକୁ ଅଧିକ ସକ୍ରିୟ କରିବା ସହ କର୍ମୀମାନଙ୍କୁ ଏକଜୁଟ କରି କାର୍ଯ୍ୟ କରିବେ ବୋଲି ଜଣାଇଛନ୍ତି। ଏଥିସହ ଦଳୀୟ କାର୍ଯ୍ୟକ୍ରମରେ ଯୁବକମାନଙ୍କ ଅଧିକ ଅଂଶଗ୍ରହଣ, ସ୍ଥାନୀୟ ସମସ୍ୟାକୁ ନେଇ ଲୋକଙ୍କ ସହ ଯୋଗାଯୋଗ ବୃଦ୍ଧି ଏବଂ ସଂଗଠନରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ସ୍ମାରକ ମାଜୀଙ୍କ ନିଯୁକ୍ତିକୁ ନେଇ ମୋରଡା ସମେତ ବିଭିନ୍ନ ଅଞ୍ଚଳର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ନୂଆ ଦାୟିତ୍ୱ ପାଇଁ ସ୍ମାରକ ଦଳୀୟ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇବା ସହ ଦଳର ନୀତି ଓ କାର୍ଯ୍ୟକ୍ରମକୁ ନେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସଂଗଠନକୁ ଆହୁରି ସକ୍ରିୟ କରିବା ଏବଂ କର୍ମୀମାନଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ଆଇନ ସହାୟତା ଯୋଜନା ସମ୍ବନ୍ଧୀୟ ସଚେତନତା ଶିବିର

**ନୂଆପଡା, ୫।୧୦(ନି.ସୂ) :** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚାଲୁଥିବା ମେଗା ଡ୍ରାଇଭ୍ ଅନ୍ତର୍ଗତ ସୁନାବେଡା ଗ୍ରାମ ପଞ୍ଚାୟତର ଢେକୁନପାନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାଲସା ଦ୍ୱାରା ପରିଚାଳିତ ବିଭିନ୍ନ ଆଇନ ସହାୟତା ଯୋଜନା ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟ ପ୍ରକାଶ ମାଝୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମେଶ୍ୱର ମାଝୀ ଅନ୍ୟ ଶିକ୍ଷକ ଏବଂ ପ୍ରାଧିକରଣର ଅଧିକାର ମିତ୍ରଗଣ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ପ୍ରାଧିକରଣର ସଚିବ ନବନୀତା ଦାଶ ଶିଶୁ ଏବଂ ଶିଶୁମାନଙ୍କର ନିଶୁଳ୍କ ଶିକ୍ଷା ଲାଭ କରିବାର ଆଇନଗତ ଅଧିକାର ଆଇନ ସେବା ପ୍ରାଧିକରଣ (ନାଲସା) ଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଯଥା ସମ୍ବାଦ ଯୋଜନା, ଅଣସଂଗଠିତ ଶ୍ରମିକ ମାନଙ୍କ ପାଇଁ ଯୋଜନା ଇତ୍ୟାଦି ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

# ଯୋଗମାୟା ବେଶରେ ଦର୍ଶନ ଦେଲେ ମା' ଭଗବତୀ

**ସାଲେପୁର, ୫।୧୦(ନି.ସୂ) :** ସାଲେପୁର ବିଜ୍ଞାପିତ ଅଞ୍ଚଳ ବଟେଶ୍ୱର ଗ୍ରାମସ୍ଥିତ ମା' ଭଗବତୀଙ୍କ ପୀଠରେ ଚାଲିଥିବା ଷୋଡ଼ଶଦିନାତ୍ମକ ପୂଜାର ଆଜି ତୃତୀୟ ଦିବସ। ଏହି ଅବସରରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା ପାରମ୍ପରିକ ରୀତିନୀତି ଓ ବିଧିବିଧାନ ଅନୁଯାୟୀ ସମ୍ପନ୍ନ ହୋଇଥିଲା। ତୃତୀୟ ଦିନରେ ମା' ଭଗବତୀ ଯୋଗମାୟା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ।



ବଡ଼ ପୂଜାପଣ୍ଡା ଦୁର୍ଗାପ୍ରସାଦ ଦୀକ୍ଷିତ ଓ ସାନ ପୂଜା ପଣ୍ଡା ପଦ୍ମଲାଭ ଦୀକ୍ଷିତ ସମେତ ସେବାୟତ ପର୍ଶୁରାମ ଦୀକ୍ଷିତ, ସରୋଜ କୁମାର ଦୀକ୍ଷିତ, ଜିତେନ୍ଦ୍ର ଦୀକ୍ଷିତ, ଦେବାଶିଷ ଦୀକ୍ଷିତ,ପ୍ରମୋଦ ଚନ୍ଦ୍ର ଦୀକ୍ଷିତ, କରୁଣାକର ଦୀକ୍ଷିତ, ସୁନୀଲ ଦୀକ୍ଷିତ, ବିଶ୍ୱନାଥ ଦୀକ୍ଷିତ ଓ ରବୀନ୍ଦ୍ର ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ନୀତିରୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ମା'ଙ୍କ ଯୋଗମାୟା ବେଶ ଦର୍ଶନ ପାଇଁ ବଟେଶ୍ୱର ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଧାଡ଼ିରେ ଆସି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ ବ୍ୟାଡମିଣ୍ଟନ ପ୍ରତିଯୋଗିତା

**ନୂଆପଡା, ୫।୧୦(ନି.ସୂ) :** ସେବା ସେତୁ ସଂକଳ୍ପ ଅଭିଯାନ ଅବସରରେ ନୂଆପଡ଼ା ସଦର ମହକୁମାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପୁଲିସ ଗ୍ରାଉଣ୍ଡସ୍ଥିତ ଇଣ୍ଡୋର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି।



ପ୍ରତିଯୋଗିତାରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ତାଙ୍କ ସହଯୋଗୀ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହୋଇଥିବା ବେଳେ ଓରମାସ୍‌ର ଉପମୁଖ୍ୟ ନିର୍ବାହୀ ଅଧିକାରୀ ବିଦେଶ ଘୋଷ ଓ ତାଙ୍କ ସହଯୋଗୀ ରନର୍ସ-ଅପ୍ ହୋଇଥିଲେ। ବିଜୟୀ ଓ ରନର୍ସ-ଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁଖେନ୍ଦୁ ରାୟ, ଜିଏମ୍, ଡିଆଇସି ସମୀର ମୁଦୁଲି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ଡିପିଏମ୍, ଓଏଲଏମ୍ ସୁନୀଲ ମଲ୍ଲିକ, ଉପନିବନ୍ଧକ, ସମବାୟ ସମିତି ଶିବ ପ୍ରସାଦ ସ୍ୱାଇଁ, ଖରିଆର ରୋଡ୍ ଆରଏମ୍‌ସି ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି ଏବଂ ଜିଲ୍ଲା ସମ୍ୱଳ ସଂଯୋଜକ ଅନିଲ କୁମାର ଲେଙ୍କାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଏସ୍‌ସି, ଏସ୍‌ଟି ଓ ପଛୁଆ ବର୍ଗ ସଂଯୁକ୍ତ ମୋର୍ଚ୍ଚାର ୩୦ ଜଣିଆ ପ୍ରତିନିଧି ଦଳ ଡିସେମ୍ବର ୨୭ରେ ଦିଲ୍ଲୀ ଗସ୍ତ

**ତାଳଚେର, ୫।୧୦(ନି.ସୂ) :** ଆସନ୍ତା ଡିସେମ୍ବର ୨୭ ତାରିଖ ରବିବାର ଦିନ ଦିଲ୍ଲୀର ଗାନ୍ଧୀ ଶାନ୍ତି ଅନୁଷ୍ଠାନରେ ଅଲ୍ ଇଣ୍ଡିଆ ଏସ୍‌ସି, ଏସ୍‌ଟି ଏବଂ ପଛୁଆ ବର୍ଗ ସଂଯୁକ୍ତ ମୋର୍ଚ୍ଚାର ଜାତୀୟ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ ହେବ । ଏଥିରେ ଓଡିଶା ଶାଖାର ୩୦ ଜଣିଆ ପ୍ରତିନିଧି ଦଳ ଡିସେମ୍ବର ୨୪ ତାରିଖରେ ନନ୍ଦନକାନନ



ଏକ୍ସପ୍ରେସ୍ ଦ୍ୱାରା ଯିବାର ସିଦ୍ଧାନ୍ତ ହୋଇଛି ବୋଲି ସଂଗଠନର ଜାତୀୟ ସାଧାରଣ ସଂପାଦକ ସୁଧୀର ଖଣ୍ଡା ଏକ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି । ଗତ ତା୦୪/୧୦/୨୦୨୬ ରିଖରେ ଭୁବନେଶ୍ୱରର ଭିଆଇପି କଲୋନୀରେ ଥିବା କୈବର୍ତ୍ତ ଭବନରେ ଆବାହାକ ଜଗନ୍ନାଥ ମାଝୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଏହି ବୈଠକରେ ଜାତୀୟ ଉପାଧ୍ୟକ୍ଷ ଶିଳ୍ପପତି ପ୍ରହ୍ଲାଦ ବେହେରା, ରାଜ୍ୟ ସାଧାରଣ ସଂପାଦକ ଦିଲ୍ଲୀପ ବେହେରା, ରାଜ୍ୟ ସଂପାଦକ ଭାସ୍କର ବେହେରା, ରମେଶ ପରିଡା, ରାଜ୍ୟ ଉପ ସଭାପତି ରଘୁ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅକ୍ଷୟ ବେହେରା, ପ୍ରଫୁଲ ଦଳେଇ, ଉମାକାନ୍ତ ମାଝୀ, ପ୍ରଫୁଲ ବେହେରା, ବସନ୍ତ ବେହେରା, ସୁଧାଂଶୁ ସାହୁ, ଦିପାଳୀ ଚୌହାନ, ରକମଣୀ ବେହେରା, ପ୍ରଭାତ ବେହେରା ଓ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଓଡିଶାରେ କୈବର୍ତ୍ତ, କେଉଟ ଓ ଧୀବର ମାନଙ୍କର ଥିବା ସମସ୍ୟା ଉପରେ ଜାତୀୟ କାର୍ଯ୍ୟକାରିଣୀ ଅଧିବେଶନରେ ମୁଖ୍ୟ ଆଲୋଚନା ବିଷୟ ରହିବ ବୋଲି ଶ୍ରୀ ଖଣ୍ଡା ପ୍ରକାଶ କରିଛନ୍ତି ।

# ବକ୍ସି ଜଗବନ୍ଧୁ ହାଇସ୍କୁଲ କେବଳ ଏକ ସ୍କୁଲ ନୁହେଁ, ଏହା ଖୋରଧାର ସ୍ୱାଭିମାନ : ଉପମୁଖ୍ୟମନ୍ତ୍ରୀ

**ଖୋରଧା, ୫।୧୦(ନି.ସୂ) :** ଖୋରଧା ମାଟିର ଗର୍ବ ଓ ପାଇକ ବିଦ୍ରୋହର ପ୍ରତୀକ ବକ୍ସି ଜଗବନ୍ଧୁ ଇଂରାଜୀ ଉଚ୍ଚ ବିଦ୍ୟାଳୟର ୧୨୫ ତମ ବାର୍ଷିକ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି।

ଏହି ଐତିହାସିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଖୋରଧା ମାନ୍ୟବର ବିଧାୟକ ପ୍ରଶାନ୍ତ ଜଗଦେବ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରିୟଦର୍ଶିନୀ ପଣ୍ଡା ଏବଂ ଖୋରଧା ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତୀ ମୋନାଲିସା ନାୟକ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ।

ଏହି ମହୋତ୍ସବରେ ସଭାପତିତ୍ୱ କରିଥିଲେ ପ୍ରଫେସର ଡା. ନାରାୟଣ ରାଓ। ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଉତ୍ସବ କମିଟିର ମୁଖ୍ୟ ସଂଯୋଜକ ବିକ୍ରମ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ୧୨୫ ବର୍ଷର ଗୌରବମୟ ଇତିହାସ ଉପରେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଗଣ ମାଧ୍ୟମ ସମ୍ପାଦକ ଉମା ଶଙ୍କର ପ୍ରସାଦ। କାର୍ଯ୍ୟକ୍ରମର ଶୁଭାରମ୍ଭରେ ବେଦ ପାଠ କରିଥିଲେ ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ.

ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ କହିଥିଲେ, 'ବକ୍ସି ଜଗବନ୍ଧୁ ହାଇସ୍କୁଲ କେବଳ ଏକ ସ୍କୁଲ ନୁହେଁ, ଏହା ଖୋରଧାର ସ୍ୱାଭିମାନ। ଏହି ସ୍କୁଲ ୧୨୫ ବର୍ଷ ଧରି ହଜାର ହଜାର ପ୍ରତିଭା ସୃଷ୍ଟି କରିଛି। ଏହାର ବିକାଶ ପାଇଁ ସରକାର ସବୁ ପ୍ରକାର ସହଯୋଗ କରିବେ।' ବିଧାୟକ ଶ୍ରୀ ଜଗଦେବ ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟରସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କର ଉଦ୍ୟମ ଜାରିରହିଛି ଓ ରହିବ। ସେ କହିଥିଲେ ପ୍ରଧାନମନ୍ତ୍ରୀ ଦେଖିଥିବା ସ୍ୱପ୍ନ ବିକଶିତ ଭାରତର ସ୍ୱପ୍ନ ସାକାର ହେବ। ସ୍କୁଲରେ ତିନି ମହାପୁରୁଷ ଙ୍କ ଯଥା ସଚି ରାଉତରାୟ ଙ୍କ ଦାୟାଦ ହର୍ଷ ରାଉତରାୟ ନିଜର ପିତା ସଚି ରାଉତରାୟ ଙ୍କ ସ୍ମୃତି ଚାରଣ କରିଥିଲେ, କାଳୀ ଚରଣ ପଟ୍ଟନାୟକ ଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ ବିଶିଷ୍ଟ ବୈଜ୍ଞାନିକ ରାଜ କିଶୋର ପରାମଗୁରୁ।

ଶେଷରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଓ କୃତୀ ପୁରାତନ ଛାତ୍ରମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## କନ୍ଧ ଗଉଡ ସମାଜର ସାଧାରଣ ଅଧିବେଶନ ଅନୁଷ୍ଠିତ

# ସମାଜର ଏକତା, ଜାତିଗତ ପରିଚୟ ଓ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱ

**କନ୍ଧମାଳ, ୫।୧୦(ନି.ସୂ) :** କନ୍ଧ ଗଉଡ଼ ସମାଜ, କନ୍ଧମାଳ ଜିଲ୍ଲା ପକ୍ଷରୁ ଆଜି ପୁଲାଣିଠାରେ ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ କନ୍ଧ ଗଉଡ ସମାଜର ସାମାଜିକ ଏକତା, ଜାତିଗତ ପରିଚୟ, ଅଧିକାର ସୁରକ୍ଷା ଏବଂ ସମାଜର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।




ଓଡ଼ିଶା ସରକାରଙ୍କ ଅଧିକୃତ ଅନୁସୂଚିତ ଜନଜାତି ତାଲିକାର କ୍ରମିକ ସଂଖ୍ୟା ୨୭ରେ କନ୍ଧ ଗୌଡ଼ ଜାତି ସାମିଲ ଥିବା ବିଷୟରେ ସମାଜର ସମସ୍ତ ସଦସ୍ୟ, ବିଶେଷକରି ଯୁବପିଢ଼ି, ସଚେତନ ହେବା ଆବଶ୍ୟକ ବୋଲି ଅଧିବେଶନରେ ମତ ପ୍ରକାଶ ପାଇଥିଲା।

ଏହାସହିତ କନ୍ଧ ଗଉଡ ଜାତି ସମ୍ବନ୍ଧୀୟ ବିଭିନ୍ନ ସରକାରୀ ରେକର୍ଡ ଓ ଦଲିଲପତ୍ରରେ ରହିଥିବା ଭୁଲଭାଲକୁ ଚିହ୍ନଟ କରି ନିୟମାନୁସାରେ ସଂଶୋଧନ କରିବା, ଏପରି ତ୍ରୁଟି ଯୋଗୁଁ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ପଦକ୍ଷେପ ନେବା ଏବଂ ସମାଜର ପ୍ରକୃତ ଲୋକମାନଙ୍କ ଅଧିକାର ସୁରକ୍ଷା କରିବା ନେଇ ଆଲୋଚନା ହୋଇଥିଲା।

କନ୍ଧ ଗଉଡ ସମାଜର ଜନଗଣନା ଓ ପରିବାରଭିତ୍ତିକ ତଥ୍ୟ ସଂଗ୍ରହ କରିବା, ସମାଜର ସମସ୍ତ ପରିବାରକୁ ଏକତ୍ରିତ କରି ସାମାଜିକ ଏକତାକୁ ମଜବୁତ କରିବା ସହିତ ସମାଜର ଯୋଗ୍ୟ ବ୍ୟକ୍ତିମାନେ ନିୟମାନୁସାରେ ନିଜର ଏସ୍‌ଟି ଜାତି ପ୍ରମାଣପତ୍ର ପାଇବାରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ସଚେତନତା ଓ ସମନ୍ୱିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସେହିପରି, କନ୍ଧ ଗଉଡ ଜାତିର ନାମ ବା ପରିଚୟକୁ ଅନୁଚିତ ଭାବେ ବ୍ୟବହାର କରି ଅଯୋଗ୍ୟ ବ୍ୟକ୍ତି କୌଣସି ସରକାରୀ ସୁବିଧା ନେଉନଥିବା ପାଇଁ ନିୟମାନୁସାରେ ଦଲିଲପତ୍ର ଯାଞ୍ଚ ଓ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ନେବା ନେଇ ମଧ୍ୟ ଆଲୋଚନା ହୋଇଥିଲା।

ଅଧିବେଶନରେ ସମାଜର ଏକତା, ଶୃଙ୍ଖଳା ଓ ସଂଗଠନକୁ ଆହୁରି ମଜବୁତ କରିବା ସହିତ ଆଗାମୀ ଦିନରେ ସମାଜର ଅଧିକାର ଓ ସ୍ୱାର୍ଥ ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି ଶ୍ରୀ ସୁଭାଷ ଚନ୍ଦ୍ର ବେହେରା, ସମ୍ପାଦକ ଶ୍ରୀ ପ୍ରଦୀପ ପ୍ରଧାନ ଏବଂ ମୁଖ୍ୟ ସଂଯୋଜକ ଶ୍ରୀ ଉମେଶ ଭୋଇ ଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ସମାଜର ଭାଇଭଉଣୀ ଓ ପ୍ରତିନିଧି ଉପସ୍ଥିତ ରହିଥିଲେ। ଅଧିବେଶନ ଶେଷରେ କନ୍ଧ ଗୌଡ଼ ସମାଜର ସାମଗ୍ରିକ ବିକାଶ, ଅଧିକାର ସୁରକ୍ଷା ଓ ଭବିଷ୍ୟତ ପିଢ଼ିର ଉନ୍ନତି ପାଇଁ ଏକତାବଦ୍ଧ ଭାବେ କାର୍ଯ୍ୟ କରିବାର ସଂକଳ୍ପ ନିଆଯାଇଥିଲା।

### ଖବର ପ୍ରସାରଣର ଶୁଭ ଫଳ

## ବାକ୍ସି ଡାଡିରୁ କେଲାପଡା ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ



କନ୍ଧମାଳ, ୦୫।୧୦ (ନି.ସୂ) 'ନିର୍ଭୟ ସୂଚନା' ଖବରକାଗଜରେ ସମ୍ବାଦ ପ୍ରକାଶ ପାଇବା ପରେ ଶୋଇପଡ଼ିଥିବା ପ୍ରଶାସନର ନିନ୍ଦ ଭାଙ୍ଗିଛି। ବାକ୍ସି ଡାଡିରୁ କେଲାପଡା ପର୍ଯ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ରାସ୍ତାର ମରାମତି କାର୍ଯ୍ୟ ଶେଷରେ ଆରମ୍ଭ ହୋଇଛି।

ଦୀର୍ଘଦିନ ଧରି ଏହି ରାସ୍ତାଟି ଖାଲଖମାରେ ପୂର୍ଣ୍ଣ ହୋଇ ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡ଼ିଥିଲା, ଯାହାଫଳରେ ସ୍ଥାନୀୟ ଅଞ୍ଚଳବାସୀ ଓ ପାଦଚଲା ଯାତ୍ରୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ 'ନିର୍ଭୟ ସୂଚନା'ରେ ପ୍ରମୁଖତାର ସହ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରସାରଣ ପରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ତତ୍ପରତା ପ୍ରକାଶ କରି ରାସ୍ତା ମରାମତି ଓ ପିଚୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶ୍ରମିକ ଓ ମେସିନ୍ ସାହାଯ୍ୟରେ ରାସ୍ତାରେ ନୂତନ ପିଚୁ ପକାଯାଇ କାର୍ଯ୍ୟ ଜୋରସୋରରେ ଚାଲିଛି। ଖବରର ପ୍ରଭାବ ଯୋଗୁଁ ଦୀର୍ଘଦିନର ସମସ୍ୟାର ସମାଧାନ ହୋଇଥିବାରୁ ଅଞ୍ଚଳବାସୀ 'ନିର୍ଭୟ ସୂଚନା' ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି।

# ୩୦ ବର୍ଷ ଧରି ବସତି, ମିଳିନି ଜମି ଅଧିକାର

## ବୃତ୍ତି ଜମିରେ ଘର କରି ରହୁଛନ୍ତି ବଧା ଶବର ସାହିର ଭୂମିହୀନ ପରିବାର ଉଚ୍ଛେଦ ଆଶଙ୍କା, ଧମକଚମକ ଅଭିଯୋଗ



ଖୋରଧା ୫।୧୦ (ନି.ସୂ) : ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏକ ସ୍ଥାନରେ ଘର କରି ପରିବାର ସହ ବସବାସ କରୁଛନ୍ତି। ଏହି ସମୟ ମଧ୍ୟରେ ପିଢ଼ି ବଦଳିଛି, ପରିବାର ବଢ଼ିଛି, ହେଲେ ବଦଳିନି ସେମାନଙ୍କ ଜମିର ସ୍ଥିତି। ଦୀର୍ଘ ବର୍ଷ ଧରି ବସବାସ କରିଆସୁଥିଲେ ମଧ୍ୟ ନିଜ ମୁଣ୍ଡ ଗୁଞ୍ଜିବା ପାଇଁ ଥିବା ଜାଗା ଉପରେ ଏଯାଏ ମିଳିନାହିଁ ଆଇନଗତ ଅଧିକାର। ଏବେ ଉଚ୍ଛେଦ ଆଶଙ୍କା ସହ ଧମକଚମକ ଅଭିଯୋଗ ଏହି ପରିବାରଗୁଡ଼ିକର ଚିନ୍ତାକୁ ଆହୁରି ବଢ଼ାଇଛି।ଏଭଳି ଅଭିଯୋଗ ନେଇ ଖୋରଧା ଜିଲକ୍ଷପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଖୋରଧା ପୌରାଞ୍ଚଳ ଅଧୀନ ଜେମାଦେଇ ମୌଜା ବଧା ଶବର ସାହିର କେତେକ ଭୂମିହୀନ ପରିବାର। ସେମାନଙ୍କ ଦାବି, ଦୀର୍ଘ ବର୍ଷର ବସବାସକୁ ଦୃଷ୍ଟିରେ ରଖି ଜମିର ପ୍ରକୃତ ସ୍ଥିତି ଯାଞ୍ଚ କରାଯାଇ ଯୋଗ୍ୟ ପରିବାରଙ୍କୁ ଆଇନସମ୍ମତ ଭାବେ ଜମି ଅଧିକାର ପ୍ରଦାନ କରାଯାଉ।ଦରଖାସ୍ତରେ ଦର୍ଶାଯାଇଥିବା ଅନୁଯାୟୀ, ଜେମାଦେଇ ମୌଜାର ବଧା ଶବର ସାହିର ଖାତା ନଂ-୨୮୯ ଓ ପ୍ଲଟ୍ ନଂ-୮୨୭ରେ ଥିବା ସରକାରୀ ବୃତ୍ତି ଜମିରେ ସେମାନେ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କଚ୍ଚାଘର ନିର୍ମାଣ କରି ବସବାସ କରୁଛନ୍ତି। ନିଜସ୍ୱ ଜମି କିମ୍ବା ଘର ନଥିବାରୁ ବାଧ୍ୟ ହୋଇ ସେମାନେ ଏଠାରେ ଆଶ୍ରୟ ନେଇଥିବା ଦରଖାସ୍ତରେ ଉଲ୍ଲେଖ କରିଛନ୍ତି।ସେମାନଙ୍କ କହିବା ଅନୁସାରେ, ଦୀର୍ଘ ତିନି ଦଶନ୍ଧି ଧରି ଏହି ସ୍ଥାନରେ ରହିଆସୁଥିବାରୁ ଏହା ଏବେ ସେମାନଙ୍କ ଜୀବନର ଅଂଶ ପାଲଟିଛି। ପିଲାମାନେ ଏଠାରେ ଜନ୍ମ ନେଇ ବଢ଼ିଛନ୍ତି। ଦୈନନ୍ଦିନ ଜୀବନ, ଜୀବିକା ଓ ସାମାଜିକ ସମ୍ପର୍କ ସବୁକିଛି ଏହି ବସତିକୁ କେନ୍ଦ୍ର କରି ଗଢ଼ିଉଠିଛି। ହେଲେ ଜମିର ମାଲିକାନା କିମ୍ବା ସ୍ଥାୟୀ ବାସ ଅଧିକାର ନଥିବାରୁ ଯେକୌଣସି ସମୟରେ ଘର ଉଚ୍ଛେଦ ହୋଇଯିବାର ଭୟ ସେମାନଙ୍କୁ ଘାରିଛି।

ଏହାରି ମଧ୍ୟରେ କେତେକ ବ୍ୟକ୍ତି ସେମାନଙ୍କ ବସତି ଉଚ୍ଛେଦ କରିବା ଏବଂ ଜମିକୁ ନିଜ ଅଧୀନକୁ ନେବା ପାଇଁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଘର ଭାଙ୍ଗିଦେବା ନେଇ ବିଭିନ୍ନ ସମୟରେ ଧମକ ଦିଆଯାଉଥିବା ମଧ୍ୟ ଦରଖାସ୍ତରେ ଦର୍ଶାଯାଇଛି। ଫଳରେ ମହିଳା, ଶିଶୁ ଓ ବୟସ୍କଙ୍କ ସମେତ ସାହିର ଅନେକ ପରିବାର ଭୟ ଓ ଆଶଙ୍କା ମଧ୍ୟରେ ଦିନ କାଟୁଥିବା ଅଭିଯୋଗ କରିଛନ୍ତି।

ଏପରି ସ୍ଥିତିରେ ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ଜମିର ପ୍ରକୃତି, ରେକର୍ଡ, ବର୍ତ୍ତମାନର ଦଖଲ ଏବଂ ଦୀର୍ଘଦିନର ବସବାସ ସମ୍ପର୍କରେ ରାଜସ୍ୱସ୍ତରରେ ତଦନ୍ତ କରୁ ବୋଲି ସେମାନେ ଦାବି କରିଛନ୍ତି। ତଦନ୍ତରେ ଯେଉଁ ପରିବାରମାନେ ଆଇନ ଅନୁଯାୟୀ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ଜମି ଅଧିକାର ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ବୋଲି ନିବେଦନ କରାଯାଇଛି।ଏଥିସହ ପ୍ରଶାସନିକ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ତଥା ଜମିର ଆଇନଗତ ସ୍ଥିତି ସ୍ପଷ୍ଟ ନହେବା ପର୍ଯ୍ୟନ୍ତ କୌଣସି ପ୍ରକାର ଜବରଦସ୍ତ ଉଚ୍ଛେଦ କିମ୍ବା ଘର ଭାଙ୍ଗିବା ଭଳି ପଦକ୍ଷେପ ନିଆନଯାଉ ବୋଲି ସେମାନେ ଦାବି କରିଛନ୍ତି। ଧମକଚମକ ଅଭିଯୋଗର ମଧ୍ୟ ତଦନ୍ତ କରାଯାଇ ପରିବାରଗୁଡ଼ିକର ସୁରକ୍ଷା ପ୍ରତି ଆବଶ୍ୟକ ପଦକ୍ଷେପ ନିଆଯାଉ ବୋଲି ଦରଖାସ୍ତରେ ଅନୁରୋଧ କରାଯାଇଛି।ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଏକ ସ୍ଥାନରେ ବସତି ସ୍ଥାପନ କରି ଜୀବନ ବିତାଉଥିବା ଏହି ପରିବାରଗୁଡ଼ିକ ପାଇଁ ଏବେ ପ୍ରଶ୍ନ ହେଉଛି ସ୍ଥାୟୀ ଠିକଣାର। ନିଜ ଘର ଓ ପରିବାରର ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସେମାନେ ପ୍ରଶାସନର ହସ୍ତକ୍ଷେପ ଆଶା କରିଛନ୍ତି। ଜିଲାପାଳ ଘଟଣାରେ ହସ୍ତକ୍ଷେପ କରି ରାଜସ୍ୱ ଅଧିକାରୀଙ୍କ ମାଧ୍ୟମରେ ତଦନ୍ତ କରାଇ ଯୋଗ୍ୟତା ଓ ପ୍ରଚଳିତ ଆଇନ ଅନୁଯାୟୀ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଦରଖାସ୍ତକାରୀମାନେ ଆଶା ପ୍ରକାଶ କରିଛନ୍ତି।

## ଆନ୍ତର୍ଜାତୀୟ ଗୁରୁ ଦିବସ ପାଳନ

ବଲାଙ୍ଗିର,୦୫।୧୦ (ନି.ସୂ) ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ବଲାଙ୍ଗିର ତରଫରୁ ସମ୍ପାଦକ ହରେକୃଷ୍ଣ ରଥଙ୍କର ଆବାହନ କ୍ରମେ ଆଜି ଅପରାହ୍ନ ଘ.୨.୩୦ମି. ରେ ମିଶନ ବାଳକ ଉ.ପ୍ରା. ସ୍କୁଲ ଦୁର୍ଯ୍ୟୋଧନ ପସାୟତ ଙ୍କ ଅଧ୍ୟକ୍ଷତା ରେ ଆର୍ଯ୍ୟା ସୁଚିତ୍ରା ସୁନା ଓ ଧୃବରାଜ ଚୋପଦାରଙ୍କ ମଟଂସିନ ଥାଇ ଆନ୍ତର୍ଜାତୀୟ ଶିକ୍ଷକ ଦିବସ ଅନୁଷ୍ଠିତ ହୋଇଥିଲା । ସୁଧାଂଶୁ ପଟେଲ ଶିକ୍ଷା ଓ ଶିକ୍ଷକମାନଙ୍କର ଉପରେ ସୁନ୍ଦର ଉପସ୍ଥାପନ କରିଥିଲେ । ମିଶନ ବାଳକ ଉପ୍ରା ସ୍କୁଲ ପ୍ରଧାନ ଶିକ୍ଷକ ମନ ମୋହନ ଲିମ୍ମା ସଂଗଠନର ଆଭିମୁଖ୍ୟ ଓ ଏହା ନବ ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ । ଲୋଇସିଂହା ବ୍ଲକର ବରିଷ୍ଠ ଶିକ୍ଷକ ମୁରା ସିଂ ଙ୍କର



ବ୍ୟଙ୍ଗାତ୍ମକ ଅଭିନୟ କରି ସମସ୍ତଙ୍କ ଚିତ୍ତ ଆକର୍ଷଣ କରିଥିଲେ । କୋଶଳୀ କବି ତଥା ବିଶିଷ୍ଟ ସାଧନ କର୍ମୀ ସଂକୀର୍ତ୍ତନ ମହାଲିଙ୍ଗ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକ ବିଷୟରେ କବି କବିତା ପାଠ କରିଥିଲେ । ମହିଳା ପ୍ରକୋଷ୍ଠର ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ପଟେଲ ସଂଘ ତରଫରୁ ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ । ଜିଲ୍ଲା ସାଂଗଠନିକ ସମ୍ପାଦକ ଜୟଦେବ ବିଶି, ଭୀମସେନ ଦଣ୍ଡସେନା, ସଂଜୀତ ଦୋରା, ସ୍ମିତା ହନୁମାନ ଓ ବିଭୁସ୍ମିତା ଦାସ, ଅନ୍ନପୂର୍ଣ୍ଣା ନନ୍ଦ ଓ ଅନୁପମା, ଶିକ୍ଷକ ସଂଘ କୁ ଏକ ରାଜ୍ୟ ସ୍ତରୀୟ ନିଶାମୁକ୍ତ ଆଲୋଚନା ଚକ୍ର କରିବାକୁ ପ୍ରସ୍ତାବ ଦେଇଥିଲେ । ଶେଷରେ ସଭାପତି ଦୁର୍ଯ୍ୟୋଧନ ପସାୟତ ଙ୍କ ବକ୍ତବ୍ୟ ସହ ସ୍ୱର୍ଗତ ଦୁର୍ଗା ଚରଣ ପାଢୀ ଉପରେ ଆଲୋକପାତ କରି ଲୋଇସିଂହା ବ୍ଲକର ପୂର୍ବତନ ସଭାପତି ତଥା ଶିକ୍ଷକ ନେତା ସ୍ୱର୍ଗତ ଦୁର୍ଗା ଚରଣ ପାଢୀଙ୍କ ପାଇଁ ଏକ ସ୍ମୃତି ସଭା ୨ ମିନିଟ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା ।

## ବିଜେପି ପକ୍ଷରୁ ସେବା ସଂଙ୍କଳ୍ପ ସମାବେଶ

ବାଲିଆପାଳ ୫।୧୦( ନି ସୁ ):ବସ୍ତା ବ୍ଲକ ଅନ୍ତର୍ଗତ ବାହାର୍ଦ୍ଦା ପଞ୍ଚାୟତ ବାହାର୍ଦ୍ଦା ଡାକବଙ୍ଗଳା ନିକଟରେ ବିଜେପି ପକ୍ଷରୁ ସେବା ସଂଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇ ଯାଇଅଛି। ଭାରତର ଜଶ୍ୱଶ୍ରୀ ପ୍ରଧାନ ମନ୍ତ୍ରୀ ମୋଦି ଜୀ ଜନ୍ମ ଦିନ ଅବସରରେ ୧ ମାସ ଧରି କାର୍ଯ୍ୟକ୍ରମ ଚାଲୁ ରହିଛି। ବାହାର୍ଦ୍ଦା ପଞ୍ଚାୟତ ବିଜେପି ସଭାପତି ଅଜୟ ଜେନାଙ୍କ ପୌରହିତ୍ୟରେ ମୂଖ୍ୟ ଅତିଥି ଭାବେ ପୁର୍ବତନ ସାଂସଦ ବିଜେପି ନେତା ଇଂ.ରବୀନ୍ଦ୍ର କୁମାର ଜେନା ବିଜେପି ,ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ ସୁବଳ ଚନ୍ଦ୍ର ଦାସ ବିଜେପି ନେତା,ଅଜୟ କୁମାର ସାହୁ,ବ୍ରଜ



ମୋହନ ମିଶ୍ର,ସଦର ଚେୟାରମ୍ୟାନ ଅନିତା ବେହେରା,ବସ୍ତା ବ୍ଲକ ଚେୟାରମେନ ଅଞ୍ଜଳୀ ଦାସ, ଜିଲ୍ଲା ପରିଷଦ ନିଶା କର ସେଠୀ,ଧିରେନ ସେଠି, ଅଜୟ ଦାସ,ଶିବାନନ୍ଦ ଦାଶ,ପ୍ରକାଶ କୁମାର କୁଣ୍ଡୁ,ରତିକାନ୍ତ ମଣ୍ଡଳ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।ଆଗାମି ଦିନରେ ପ୍ରଧାନ ମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ସଠିକ ଭାବରେ ଲୋକଙ୍କ ପାଖରେ ସିଧା ସଳଖ ପହଞ୍ଚି ପାରିବ ଓ ସ୍ୱାସ୍ଥ୍ୟ ପାଣି ଶିକ୍ଷା ଜନସାଧାରଣଙ୍କ ମୌଳିକ ସୁବିଧା ଯୋଗାଇ ଦେବାକୁ ଶ୍ରୀମତୀ ବାଜପେୟୀ ମତପ୍ରକାଶ କରିଥିଲେ।ଏହି ସମାବେଶରେ ବହୁ ବିଜେପିକର୍ମୀ ଓ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ ।

## ବିଦ୍ୟୁତ ବିଭାଗରେ କର୍ମଚାରୀଙ୍କ ସୁରକ୍ଷା ଓ ସେବା ବ୍ୟବସ୍ଥା ସୁଦୃଢ଼ ପାଇଁ ୬ ଦଫା ଦାବି

କାକଟପୁର, ୫।୧୦ (ନି.ସୂ) : କାକଟପୁର ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ କ୍ଷେତ୍ର କର୍ମଚାରୀଙ୍କ ସୁରକ୍ଷା ଓ କାର୍ଯ୍ୟ ପରିବେଶରେ ଉନ୍ନତି ଆଣିବା ଦାବିରେ ଟିପିସିଓଡିଏଲ୍ କାକଟପୁର ସବ୍‌ଡିଭିଜନ୍‌ର ଏସ୍‌ଡିଓଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି।



ଦାବିପତ୍ରରେ ରାତ୍ରିକାଳୀନ ବ୍ରେକ୍‌ଡାଉନ୍ ଓ ଫଲ୍ଟ ଆଟେଣ୍ଡିଂ ପାଇଁ ପର୍ଯ୍ୟାପ୍ତ ମାନବସମ୍ବଳ ଓ ଆବଶ୍ୟକ ଯାନବାହନ ଯୋଗାଇବା, ନିର୍ଦ୍ଧାରିତ ଡ୍ୟୁଟି ଆଓ୍ୱାର ଅନୁଯାୟୀ କର୍ମଚାରୀ ନିୟୋଜନ କରିବା, ପୂର୍ବ ନିର୍ଦ୍ଧାରିତ ନାଇଟ୍ ଡ୍ୟୁଟି ରୋଷ୍ଟର ପ୍ରସ୍ତୁତ କରିବା ଏବଂ ପର୍ଯ୍ୟାପ୍ତ ପିପିଇ ଓ ସୁରକ୍ଷା ସାମଗ୍ରୀ ଯୋଗାଇବା ଭଳି ଦାବି ରହିଛି। ଏଥିସହ ଗ୍ରାହକଙ୍କ ଅଭିଯୋଗ ଗ୍ରହଣ ପାଇଁ ଥିବା କଲ୍ ହ୍ୟାଣ୍ଡଲିଂ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା, କର୍ମଚାରୀଙ୍କ ରୋଲ୍ ଓ ରେସପନ୍ସିବିଲିଟି ସ୍ପଷ୍ଟ କରିବା, ଆବଶ୍ୟକ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ସହ ଫଲ୍ଟ ରେସପନ୍ସ ଟାଇମ୍ କମାଇବାକୁ ଦାବି କରାଯାଇଛି। ଏହାଦ୍ୱାରା ବିଦ୍ୟୁତ ଗ୍ରାହକଙ୍କୁ ତ୍ୱରିତ ଓ ଉନ୍ନତମାନର ସେବା ମିଳିପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

ବର୍ତ୍ତମାନ ବିଦ୍ୟୁତ ବିଭାଗରେ କର୍ମଚାରୀ ଅଭାବ, ରାତ୍ରିକାଳୀନ ଫଲ୍ଟ ଆଟେଣ୍ଡିଂ ଓ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନେଇ ଯେଉଁ ସମସ୍ୟା ରହିଛି, ତାହାର ସମାଧାନ ପାଇଁ ଦାବିଗୁଡ଼ିକ ତୁରନ୍ତ ପୂରଣ କରିବାକୁ ରାକେଶ ସାହୁ,ଉଲ୍ଲାସ ମଲ୍ଲ,ଅଖିଳ ନାୟକ,ସଞ୍ଜୟ ମହାନ୍ତି,ପ୍ରଶାନ୍ତ ତରାଇ,ସଦାନନ୍ଦ ଜେନା,ରାଜେଶ ପାତ୍ର,ବିଶ୍ୱଜିତ ଲେଙ୍କାଙ୍କ ସମେତ ସମସ୍ତ କର୍ମଚାରୀମାନେ ଅନୁରୋଧ କରିଛନ୍ତି।

## ଓୟୁଜେ ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଭାବେ ପ୍ରସନ୍ନ ପାଇକରାୟ ନିଯୁକ୍ତ

ଖୋରଧା ୫।୧୦ (ସ ପ୍ର ) : ଓଡ଼ିଶାର ସାମ୍ବାଦିକମାନଙ୍କର ସର୍ବବୃହତ୍ ? ସାଙ୍ଗଠନିକ ମଞ୍ଚ ଭାବେ ପରିଚିତ ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ନିଜର ସାଙ୍ଗଠନିକ କାର୍ଯ୍ୟକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବା ଦିଗରେ ଆଉ ଏକ ପଦକ୍ଷେପ ନେଇଛି। ବରିଷ୍ଠ ସାମ୍ବାଦିକ ତଥା ଓୟୁଜେର ଦୀର୍ଘଦିନର ସଦସ୍ୟ ପ୍ରସନ୍ନ କୁମାର ପାଇକରାୟଙ୍କୁ ସଂଗଠନର ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ



ଭାବେ ନିଯୁକ୍ତି ଦିଆଯାଇଛି। ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁରଠାରେ ଅନୁଷ୍ଠିତ ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ କମିଟିର ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ରାଜ୍ୟ କାର୍ଯ୍ୟକାରିଣୀ କମିଟିର ନିଷ୍ପତ୍ତି ଏବଂ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପାଇକରାୟଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଦୀର୍ଘବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟ କରିବା ସହ ଓୟୁଜେର ସାଙ୍ଗଠନିକ କାର୍ଯ୍ୟରେ ତାଙ୍କର ସକ୍ରିୟ ଭୂମିକା, ବିଭିନ୍ନ ସ୍ତରର ସାମ୍ବାଦିକଙ୍କ ସହ ସୁସମ୍ପର୍କ ଏବଂ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନକୁ ବିଚାରକୁ ନେଇ ଏହି ଦାୟିତ୍ୱ ଦିଆଯାଇଥିବା କୁହାଯାଇଛି।

## ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଐତିହାସିକ ସତୀଚଉରା ଶ୍ମଶାନ ସଫେଇ

କଟକ,୪।୧୦ (ନି.ସୂ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପରିବେଶ ସ୍ୱଚ୍ଛତା ଅଭିଯାନରେ ଓଡିଶା ର ଅନ୍ୟତମ ପ୍ରସିଦ୍ଧ, ପ୍ରାଚୀନ ଏବଂ ଐତିହାସିକ ସତୀଚଉରା ଶ୍ମଶାନ ପରିସର ସଫେଇ କାର୍ଯ୍ୟ ସଭାପତି ପ୍ରିୟରଞ୍ଜନ ମହାପାତ୍ର, ଉପଦେଷ୍ଟା ପିନାକୀ ସିଂହ, ଜୀବାନନ୍ଦ ମିଶ୍ର, ବିଶ୍ୱରଞ୍ଜନ ଦେହୁରି ଙ୍କ ନେତୃତ୍ୱ ଓ ସହଯୋଗରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ସଫେଇ କାର୍ଯ୍ୟକ୍ରମରେ ସମ୍ପାଦକ ରାକେଶ ଶତପଥୀ,କ୍ଷୀରୋଦ ଚନ୍ଦ୍ର ସାହୁ, ସ୍ୱାଧୀନ ବିଶ୍ୱାଳ,ସୁବାଷ ଚନ୍ଦ୍ର ସାହୁ, ରାଜେଶ ଶତପଥୀ, ତପନ ସ୍ୱାଇଁ, ସିପନ ସ୍ୱାଇଁ, ଆଲୋକ କୁମାର ସାହୁ, ଚିନ୍ତାମଣି ମଲ୍ଲିକ, ମାଧବ ଚନ୍ଦ୍ର ମଲ୍ଲିକ ଯୋଗ ଦେଇ ଶ୍ମଶାନ ପରିସରରେ ଜମି ରହିଥିବା ଆବର୍ଜନା, ଶୁଖିଲାପତ୍ର, ପ୍ଲାଷ୍ଟିକ ଏବଂ ଅନାବନା ଗଛଲତା ସଫା କରିବାରେ ନିଜର ଶ୍ରମଦାନ କରିଥିଲେ



। ସତୀଚଉରା କେବଳ ଏକ ଶ୍ମଶାନ ନୁହେଁ, ବରଂ ଓଡିଶାର ସଂସ୍କୃତି ଓ ଇତିହାସ ସହ ଜଡିତ ଏକ ସ୍ମୃତିତୀର୍ଥ । ଓଡିଶାର ଅନେକ ମହାନ ସଂଗ୍ରାମୀ, ସାହିତ୍ୟିକ ଏବଂ ବରପୁତ୍ର ମାନଙ୍କର ଶେଷକୃତ୍ୟ ଏହି ସତୀଚଉରା ଶ୍ମଶାନରେ ସମ୍ପନ୍ନ ହୋଇଛି । ଏଭଳି ଏକ ଐତିହାସିକ ସ୍ଥାନର ପରିଚ୍ଛନ୍ନତା ରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଟ୍ରଷ୍ଟ ର କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ କ୍ଷ ସାମାଜିକ ସେବା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଟ୍ରଷ୍ଟ ର ଏହି ସାଧୁଉଦ୍ୟମ କୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବି ମାନେ ପ୍ରଶଂସା କରିଥିଲେ ।

## ହୋପ-ଏଜର ଆଲୋଚନା ଚକ୍ର

କଟକ,୫।୧୦ (ନି.ସୂ): ମର୍କତ ନଗର ସେକ୍ଟର-୭ସ୍ଥିତ ହୋପ-ଏଜ ର ମାସିକ ସ୍ୱାସ୍ଥ୍ୟ ଭିତ୍ତିକ ଆଲୋଚନା ଚକ୍ର ଅନୁଷ୍ଠାନର ଅଧ୍ୟକ୍ଷ କିଶୋର ଶତପତୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ସମ୍ପାଦକ ରଂଜିତ କୁମାର ସାହୁ ପ୍ରାରମ୍ଭିକ ସୂଚନା, ଓ ଉପାଧ୍ୟକ୍ଷ ବିଜୟ କୁମାର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ ଡାକ୍ତର ନିରଞ୍ଜନ ମହାନ୍ତି ଯୋଗଦେଇ କହିଲେ ଯେ, ସରଳ, ସୁନ୍ଦର ଓ ସୁସ୍ଥ ଜୀବନ ଶୈଳୀ ରେ ଆବଶ୍ୟକ ପ୍ରାତଃ ଭ୍ରମଣ,ଯୋଗ ପ୍ରାଣାୟାମ, ସମୟାନୁବର୍ତ୍ତିତା, ଶୀଘ୍ର ରାତ୍ରି ନିଦ୍ରା ର ଏକାନ୍ତ ଆବଶ୍ୟକ, ଏଥିପାଇଁ



ବରିଷ୍ଠ ମାନଙ୍କୁ ଖର୍ଚ୍ଚ କରିବାକୁ ପଡ଼େନାହିଁ, ବରଂ ଏହା କନିଷ୍ଠ ଙ୍କ ପାଇଁ ଉଦାହରଣ ସାଜିଥାଏ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ର ପୃଷ୍ଠପୋଷକ ଉତ୍କଳ ଭୂଷଣ ରାଉତରାୟ, ପ୍ରମୋଦ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାହୁ, ଚିତ୍ତରଞ୍ଜ ମହାନ୍ତି, ନକୁଳ ଚନ୍ଦ୍ର ମହାରଣା, ନିତ୍ୟାନନ୍ଦ ମିଶ୍ର, ଗୌରୀଶଙ୍କର ପଟ୍ଟନାୟକ, ସଂଜୀବ ରାଓ, ଅଶୋକ ସାହୁ, ଶଶୀଭୁଷଣ ପ୍ରଧାନ, ଅମୂଲ୍ୟ ମିଶ୍ର, ସି. କସ୍ତୁରୀ, ରବୀନ୍ଦ୍ର ନାଥ ମିଶ୍ର, ଅନିଲ ରାୟ, ବୃନ୍ଦାବନ ସାହୁ, ଅଖିଳ ବିଶ୍ୱାଳ ପ୍ରମୁଖ ଆଲୋଚନା ରେ ଯୋଗଦେଇଥିଲେ । ଶେଷରେ ସହ-ସମ୍ପାଦିକା ସୁଜାତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜନଗର ବିଡ଼ିଓଙ୍କ ଗାଡ଼ିରେ ଲାଗିଛି ନାଲିବତୀ

ରାଜନଗର,୫।୧୦: ରାଜନଗର ଭାରପ୍ରାପ୍ତ ବିଡ଼ିଓଙ୍କ ନାଲି ବତି ମୋହ ତୁଟୁନି। ପଟ୍ଟାମୁଣ୍ଡାଇ ଉପନିବନ୍ଧକ କାର୍ଯ୍ୟାଳୟର ଉପନିବନ୍ଧକ ଭାବେ କାର୍ଯ୍ୟରତ ଅଶୋକ କୁମାର ମହାନ୍ତି ଅତିରିକ୍ତ ଭାବେ ରାଜନଗରର ବିଡ଼ିଓ ଦାୟିତ୍ୱ ନିର୍ବାହ କରୁଛନ୍ତି। ରାଜନଗର ରେ ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀ ଭାବେ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଉପନିବନ୍ଧକ ତିନିଜଣ କାର୍ଯ୍ୟରତ ଥିବା ସମୟରେ କେଉଁ କାରଣ ପାଇଁ ୨୨ କିମି ଦୂର ପଟ୍ଟାମୁଣ୍ଡାଇରୁ ଅଧିକାରୀଙ୍କୁ ରାଜନଗର ବ୍ଲକର ଭାରପ୍ରାପ୍ତ ବିଡ଼ିଓ ରୂପେ ଦାୟିତ୍ୱ ପ୍ରଦାନ କରାଯାଇଛି ?ଯାହାକି ସାଧାରଣରେ ଆଲୋଚନା ହେଉଛି।ଅପର ପକ୍ଷରେ ଭାରପ୍ରାପ୍ତ ବିଡ଼ିଓ ଶ୍ରୀ ମହାନ୍ତିଙ୍କ ନାଲିବତୀ ମୋହ ତୁଟୁନି।ସରକାରଙ୍କ ନିୟମ ଅନୁଯାୟୀ , କୌଣସି ଜରୁରୀ କାଳୀନ ପରିସ୍ଥିତିରେ ସ୍ୱୀକୃତିପ୍ରାପ୍ତ ଅଧିକାରୀ



ମାନେ କମିଶନରଙ୍କ ଅନୁମତି କ୍ରମେ ନାଲିବତୀ ଲଗାଇ ଯାତାୟାତ କରିପାରିବେ।ମାତ୍ର ସାଧାରଣ ସମୟରେ ନାଲିବତୀ ଜଳାଇବାକୁ ବାରଣ କରାଯାଇଛି । ତେବେ ଭାରପ୍ରାପ୍ତ ବିଡ଼ିଓ ଶ୍ରୀ ମହାନ୍ତି ନାଲିବତୀ ଲଗାଇ ଗାଡ଼ିରେ କିପରି ଯାତାୟାତ କରୁଛନ୍ତି, ତାହାହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଚିଠି ନମ୍ବର ୧୧୫୬/ ଆରଟିଏ / ୧୧।୫।୨୬ ତାରିଖର ନିର୍ଦ୍ଦେଶନାମାକୁ ଖୋଲା ଉଲଂଘନ କଲେ ମଧ୍ୟ ପ୍ରଶାସନର ନିଘା ନାହିଁ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ଜିଲ୍ଲାପାଳଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅଛି ଯଦି କୌଣସି ଅଧିକାରୀ ଗାଡିର ଶୀର୍ଷ ଭାଗରେ ଅମ୍ବର କିମ୍ବା ଦ୍ୱିରଙ୍ଗ ବତୀ ଲଗାଇବେ, ତେବେ କମିଶନରଙ୍କ ଅନୁମତି ଆବଶ୍ୟକ। ଏ ପରିସ୍ଥିତିରେ ରାଜନଗର ଭାରପ୍ରାପ୍ତ ବିଡ଼ିଓ ଶ୍ରୀ ମହାନ୍ତିଙ୍କର ନାଲିବତୀ ମୋହ କେବେ ତୁଟିବ, ଦେଖିବାକୁ ବାକି ରହିଲା।

### ଅଧାରେ ଅଟକିଛି ଲକ୍ଷ୍ମୀ ବସ୍ଷ୍ଟାଣ୍ଡ

## ଖରାପ ରାସ୍ତା ଯୋଗୁଁ ମଢେଇକଚା ପଞ୍ଚାୟତକୁ ଆସୁନି ମୁଖ୍ୟମନ୍ତ୍ରୀ ସେବା ବସ୍

**ବିଜାତଳା, ୫/୧୦ (ନି.ସୂ.) :** ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅନ୍ତର୍ଗତ ମଢେଇକଚା ପଞ୍ଚାୟତରେ ନିର୍ମାଣାଧୀନ ଲକ୍ଷ୍ମୀ ବସ୍ଷ୍ଟାଣ୍ଡ ଦୀର୍ଘଦିନ ଧରି ଅଧାରେ ପଡ଼ିରହିଛି। ଯାତ୍ରୀଙ୍କ ସୁବିଧା ପାଇଁ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ଅଧା କାମ ପରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବସ୍ଷ୍ଟାଣ୍ଡ ନିର୍ମାଣ ଅସମ୍ପୂର୍ଣ୍ଣ ରହିଥିବାରୁ ଯାତ୍ରୀମାନେ ଉପଯୁକ୍ତ ଆଶ୍ରୟ ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବର୍ଷା ଓ ଖରା ସମୟରେ ଯାତ୍ରୀ ଏବଂ ସ୍ଥାନୀୟ ଲୋକେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି।



ଅନ୍ୟପକ୍ଷରେ, ମଢେଇକଚା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ମଧ୍ୟ ଦୀର୍ଘଦିନ ଧରି ଶୋଚନୀୟ ହୋଇରହିଛି। ରାସ୍ତାର ଦୁରବସ୍ଥା ଯୋଗୁଁ ମୁଖ୍ୟମନ୍ତ୍ରୀ ସେବା ବସ୍ ? ମଢେଇକଚା ପଞ୍ଚାୟତ ପର୍ଯ୍ୟନ୍ତ ନିୟମିତ ଭାବେ ଆସିପାରୁନଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହା ଫଳରେ ଗ୍ରାମାଞ୍ଚଳର ଲୋକଙ୍କ ଯାତାୟାତ ସୁବିଧା ବାଧାପ୍ରାପ୍ତ ହେଉଛି। ଏକପଟେ ସରକାରୀ ଅର୍ଥରେ ନିର୍ମାଣାଧୀନ ବସ୍ ?ଷ୍ଟାଣ୍ଡ ଅଧାରେ ପଡ଼ିଥିବା ବେଳେ ଅନ୍ୟପଟେ ସଂଯୋଗୀକରଣ ରାସ୍ତାର ଦୁରବସ୍ଥାକୁ ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ଏହି ଦୁଇଟି କାର୍ଯ୍ୟ ଶୀଘ୍ର ସମାଧାନ ହେବା ନେଇ ଲୋକେ ଦାବି କରିଛନ୍ତି।

ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ଲକ୍ଷ୍ମୀ



ବସ୍ଷ୍ଟାଣ୍ଡର ନିର୍ମାଣ କାମ ପୁନଃ ଆରମ୍ଭ କରି ସମ୍ପୂର୍ଣ୍ଣ କରିବା ସହ ମଢେଇକଚା ପଞ୍ଚାୟତକୁ ଯାଇଥିବା ରାସ୍ତାର ମରାମତି ଓ ଉନ୍ନତିକରଣ କରିବାକୁ ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ନିକଟରେ ଦାବି କରିଛନ୍ତି। ଏହା ଦ୍ୱାରା ମୁଖ୍ୟମନ୍ତ୍ରୀ ସେବା ବସ୍ ? ଚଳାଚଳ ସ୍ୱାଭାବିକ ହେବା ସହ ଅଞ୍ଚଳବାସୀଙ୍କ ଯାତାୟାତ ସମସ୍ୟା ଦୂର ହେବ ବୋଲି ଆଶା ପ୍ରକାଶ ପାଇଛି।

## ଭାରି ବର୍ଷାରେ କ୍ଷତିଗ୍ରସ୍ତ ୩୩୨ ଘରକୁ କ୍ଷତିପୂରଣ

### ନନ୍ଦାହାଣ୍ଡି ତହସିଲରେ ୧୩ ଲକ୍ଷ ୪୦ ହଜାର ଟଙ୍କା ସହାୟତା ମଞ୍ଜୁର

ନନ୍ଦାହାଣ୍ଡି,୫।୧୦ (ନି.ସୂ): ସେପ୍ଟେମ୍ବର ୨୪ରୁ ୨୬ ତାରିଖ ମଧ୍ୟରେ ହୋଇଥିବା ପ୍ରବଳ ବର୍ଷାରେ ନନ୍ଦାହାଣ୍ଡି ତହସିଲ ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ଘର ଓ ଗୋରୁ ଗୁହାଳ ପାଇଁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଜିଲ୍ଲା କାର୍ଯ୍ୟାଳୟର ଅକ୍ଟୋବର ୨ ତାରିଖର ଆଦେଶ ଅନୁଯାୟୀ, ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ର ଦାଶ ମହାନନ୍ଦିଆଙ୍କ ପକ୍ଷରୁ ଅକ୍ଟୋବର ୫ ତାରିଖରେ କ୍ଷତିପୂରଣ ରାଶି



ମଞ୍ଜୁର କରାଯାଇଛି। ମୋଟ ୩୩୨ଟି ଆଂଶିକ ଭାବେ କ୍ଷତିଗ୍ରସ୍ତ କଚ୍ଚା ଘର ଓ ୪ଟି ଗୋରୁ ଗୁହାଳ ପାଇଁ ମୋଟ ୧୩ ଲକ୍ଷ ୪୦ ହଜାର ଟଙ୍କା ସହାୟତା ରାଶି ମଞ୍ଜୁର ହୋଇଛି।

ତହସିଲର ବିଭିନ୍ନ ଜଓ ସର୍କଲ ଅନୁଯାୟୀ କ୍ଷତିପୂରଣର ବିବରଣୀ ଏହିପରି—

- ଡଙ୍ଗରଭେଜା ଆରଆଇ ସର୍କଲ: ୨୮ଟି ଘର — ୧ ଲକ୍ଷ ୧୨ ହଜାର ଟଙ୍କା।
- ଝାଡ଼ବନ୍ଧଗୁଡ଼ା ଆରଆଇ ସର୍କଲ: ୨୫ଟି ଘର — ୧ ଲକ୍ଷ ଟଙ୍କା।
- ମେଣ୍ଟ୍ରି ଆରଆଇ ସର୍କଲ: ୫୧ଟି ଘର ଓ ୪ଟି ଗୋରୁ ଗୁହାଳ — ୨ ଲକ୍ଷ ୧୬ ହଜାର ଟଙ୍କା।
- ବି. ମାଳିଗୁଡ଼ା ଆରଆଇ ସର୍କଲ: ୧୬୦ଟି ଘର — ୬ ଲକ୍ଷ ୪୦ ହଜାର ଟଙ୍କା।
- ସିନ୍ଧିଗୁଡ଼ା ଆରଆଇ ସର୍କଲ: ୬୮ଟି ଘର — ୨ ଲକ୍ଷ ୭୨ ହଜାର ଟଙ୍କା।

ଏହିପରି ଭାବେ ନନ୍ଦାହାଣ୍ଡି ତହସିଲ ଅଞ୍ଚଳରେ ଭାରି ବର୍ଷା ଯୋଗୁଁ ଘର ଓ ଗୁହାଳ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ଚିହ୍ନଟ ହିତାଧିକାରୀଙ୍କୁ ଆଜି କ୍ଷତିପୂରଣ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ବିପଦ ସମୟରେ କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଶାସନର ଏହି ଆର୍ଥିକ ସହାୟତା କିଛି ମାତ୍ରାରେ ଆଶ୍ୱାସନ ଦେଇଛି। ଏହି ବିପଦ ସମୟରେ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆଙ୍କର ତୁରିତେ କାମ ଓ କ୍ଷତିଗ୍ରସ୍ତ ଅଞ୍ଚଳକୁ ଖୋଦ୍ ପହଞ୍ଚି ପ୍ରଶାସନ ସହ ଲୋକଙ୍କର ଦୁଃଖରେ ଭାଗୀ ଥିବାରୁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି ,

## ୩ ପୁଅ ଥାଇ ବି ଅନାଥ ହୋଇଗଲେ ବୃଦ୍ଧ ବାପା, ପୁଅର କର୍ତ୍ତବ୍ୟ କଲେ ଗୌତମ ମହାରଣା

### ରକ୍ତର ସମ୍ପର୍କ ହାରିଗଲା, ମାନବିକତା ଜିତିଲା

ଜଟଣୀ, ୫। ୧୦,(ନି.ସୂ): ଜୀବନର ଶେଷ ଯାତ୍ରାରେ ମଣିଷକୁ ସବୁଠାରୁ ଅଧିକ ଦରକାର ହୁଏ ନିଜ ଲୋକଙ୍କ ସାଥ। କିନ୍ତୁ ଯେତେବେଳେ ନିଜ ରକ୍ତର ସମ୍ପର୍କ ମଧ୍ୟ ମୁହଁ ଫେରାଇ ନିଏ, ସେତେବେଳେ ମାନବିକତାର ହାତ ହିଁ ପାଲଟିଯାଏ ସବୁଠାରୁ ବଡ଼ ସମ୍ପର୍କ। ଏଭଳି ଏକ ହୃଦୟବିଦାରକ ଘଟଣା ବାପା ମାଆ ସେବା ଆଶ୍ରମରେ ଦେଖିବାକୁ ମିଳିଛି।

ଦୀର୍ଘ ୫ରୁ ୬ ମାସ ଧରି ଆଶ୍ରମରେ ରହୁଥିବା ତିରିମଲ (ପାଇକ ସାହି) ଗ୍ରାମର ହରମୋହନ ଦାସଙ୍କ ଗତକାଲି ସନ୍ଧ୍ୟା ପ୍ରାୟ ୬ଟାରେ ଦେହାନ୍ତ ହୋଇଥିଲା। ତାଙ୍କର ତିନିଜଣ ପୁଅ ଥିଲେ। ହେଲେ ବୃଦ୍ଧାବସ୍ଥାରେ ବାପାଙ୍କୁ ଆଶ୍ରମରେ ଛାଡ଼ିଦେବା ପରେ ତାଙ୍କ ଖବର ନେବାକୁ ମଧ୍ୟ ପୁଅମାନେ ଆସିନଥିବା



କୁହାଯାଉଛି। ବାପାଙ୍କ ମୃତ୍ୟୁ ଖବର ପହଞ୍ଚିଲା। କିନ୍ତୁ ଆସିଲେନି ପୁଅ। ଶେଷଥର ପାଇଁ ବାପାଙ୍କ ମୁହଁ ଦେଖିବାକୁ ମଧ୍ୟ କେହି ପହଞ୍ଚିଲେ ନାହିଁ। ଏପରିକି ଅନ୍ତିମ ସଂସ୍କାରରେ ସାମିଲ ହେବାକୁ ମଧ୍ୟ ପରିବାରର କେହି ଆଗକୁ ଆସିନଥିଲେ। ସେତେବେଳେ ରକ୍ତର ସମ୍ପର୍କ ନୁହେଁ,



ମାନବିକତାର ସମ୍ପର୍କ ନେଇ ଆଗକୁ ଆସିଲେ ବାପା ମାଆ ସେବା ଆଶ୍ରମର ଫାଉଣ୍ଡର ଗୌତମ ମହାରଣା। ହରମୋହନଙ୍କୁ ନିଜ ବାପାଙ୍କ ଭଳି ଭାବି ତାଙ୍କ ଅନ୍ତିମ ସଂସ୍କାରର ଦାୟିତ୍ୱ ନେଲେ। ନିଜେ ମୁଖାଗ୍ନି ଦେଇ ଜଣେ ପୁଅର କର୍ତ୍ତବ୍ୟ ପାଳନ କଲେ। ଏହି ମହତ୍ କାର୍ଯ୍ୟରେ ଧିରେନ୍ ଛୋଟରାୟ, ସଞ୍ଜୟ ସେଠୀ ଓ ବିଶ୍ୱନାଥ ମାର୍ଥା ମଧ୍ୟ ସହଯୋଗ କରିଥିଲେ।

କୁହାଯାଏ, ଜନ୍ମ ଦେବା ସହଜ ହୋଇପାରେ, କିନ୍ତୁ ଜଣେ ବୃଦ୍ଧଙ୍କୁ ନିଜ ବାପା ଭାବି ଶେଷ ଯାତ୍ରାରେ ସାଥ ଦେବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ଗୌତମ ମହାରଣା ଏହାକୁ ପ୍ରମାଣ କରିଛନ୍ତି। ଆଶ୍ରମରେ ଥିବା ୨୫୧ ଜଣ ବାପା-ମାଆଙ୍କ ଅନ୍ତିମ ସମୟରେ ପୁଅର କର୍ତ୍ତବ୍ୟ ପାଳନ କରିଥିବା ଗୌତମ ମହାରଣା ଆଜି ସମାଜ ପାଇଁ ଏକ ନିଆରା ଉଦାହରଣ। ରକ୍ତର ସମ୍ପର୍କଠାରୁ ମାନବିକତାର ସମ୍ପର୍କ ଯେ ବଡ଼, ତାହା ତାଙ୍କ କାର୍ଯ୍ୟ ପୁଣିଥରେ ପ୍ରମାଣ କରିଛି। ପ୍ରଭୁ ଶ୍ରୀଜଗନ୍ନାଥ ଗୌତମ ମହାରଣାଙ୍କୁ ସବୁବେଳେ ସୁସ୍ଥ ଓ ସୁଖୀ ରଖନ୍ତୁ। ସେହିଭଳି ମାନବିକତାର କାର୍ଯ୍ୟ କରିବା ପାଇଁ ସମାଜକୁ ପ୍ରେରଣା ଦେଉଥାନ୍ତୁ ସମସ୍ତେ ଆଶୀର୍ବାଦ ଦେଇଥିଲେ ।

ଶ୍ରଦ୍ଧାରୁ ଜ୍ଞାନ ମିଳିଥାଏ
ନମ୍ରତାରୁ ମାନ ମିଳିଥାଏ
ଏବଂ ନିଜ ଯୋଗ୍ୟତାରୁ ସ୍ଥାନ ମିଳିଥାଏ
ଆଉ ଯେତେବେଳେ ଏଇ ତିନୋଟି ଯାକ ମିଶିଯାଏ
ସେତେବେଳେ ମଣିଷକୁ ସମ୍ମାନ ମିଳିଥାଏ ।

# ଶକ୍ତି ସ୍ୱରୂପା ମା' ଦୁର୍ଗା

'ସର୍ବ ମଙ୍ଗଲମାଙ୍ଗଲ୍ୟ ଶିବେ ସର୍ବାର୍ଥସାଧିକେ
ଶରଣେ ତ୍ରୟମ୍ବକ ଗୌରୀ ନାରାୟଣୀ ନମସ୍ତୁତେ।'

ରାଜସ୍ମିତା ବାରିକ

ସନାତନ ଧର୍ମରେ ଶକ୍ତି ଆରାଧନାର ବିଶେଷ ମହତ୍ତ୍ୱ ରହିଛି । ଜଗତ ଜନନୀ ମା' ଦୁର୍ଗାଙ୍କ ଆଗମନରେ ଧରା ପୃଷ୍ଠ ହୋଇଛି ଉତ୍ସବ ମୁଖର । ମା' ଦୁର୍ଗା ଙ୍କୁ ସ୍ୱାଗତ କରିବା ପାଇଁ କାଶତଣ୍ଡି ଫୁଲ ଗାଲିଚା ବିଛାଇ ଚାହିଁ ରହିଛି । ମା' ଦୂର୍ଗା ହେଉଛନ୍ତି ଅସତ୍ୟ ଉପରେ ସତ୍ୟ ଏବଂ ଅନ୍ୟାୟ ଉପରେ ନ୍ୟାୟର ବିଜୟର ନିଦର୍ଶନ । ସିଂହବାହିନୀ ମାଆ ଦୁର୍ଗା ଚତୁର୍ଭୁଜା, ଅଷ୍ଟଭୂଜା, ଦଶ ଭୁଜା ଏପରିକି ସହସ୍ର ଭୁଜା ମଧ୍ୟ ହୋଇପାରନ୍ତି । ମା ରୂପରେ ସେ ଭକ୍ତ ଓ ଶରଣା ଗତ ମାନଙ୍କ ପାଇଁ ଅଭୟ, ଦୟା ଓ ବରଦା କରୁଣାମୟୀ କିନ୍ତୁ ଦୁରାଚାରୀ, ପାପୀ, ରାକ୍ଷସ ଓ ଭକ୍ତ ଉତ୍ପୀଡ଼କ ମାନଙ୍କୁ ସେ କଠୋର ଦଣ୍ଡିତ କରିଥାନ୍ତି । ଆଶ୍ୱିନ ମାସରେ ଶୁକ୍ଳ ପ୍ରତିପଦା ଠାରୁ ଆରମ୍ଭ ହୋଇ ନବମୀ ତିଥି ଯାଏଁ ନବରାତ୍ରୀ ପର୍ବ ପାଳନ କରାଯାଏ । ଏହି ସମୟରେ ଜଗତଜନନୀ ଓ ଶକ୍ତିରୂପିଣୀ ମା ଦୁର୍ଗାଙ୍କର ନଅଟି ରୂପ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀଙ୍କୁ ଆରାଧନା କରାଯାଇଥାଏ । ମା'ଙ୍କୁ ଯିଏ ଭକ୍ତିରେ ଆରାଧନା କରେ ସେ ସର୍ବଦା ଭକ୍ତର ସାହାଯ୍ୟ କରନ୍ତି । ଦୁର୍ଗତିକୁ ବିନାଶ କରନ୍ତି ବୋଲି ସେ ଦୁର୍ଗତିନାଶିନି ମା ଦୁର୍ଗା । ସ୍କନ୍ଦ ପୁରାଣ ଅନୁସାରେ ଦୁର୍ଗତ ନାମକ ଅସୁରକୁ ମା' ବିନାଶ କରିଥିବାରୁ ମା' ଙ୍କ ନାମ ଦୁର୍ଗା ।

ପୌରାଣିକ ଯୁଗରେ ପ୍ରଭୁ ଶ୍ରୀରାମଙ୍କଠୁ ନେଇ ଅଧୁନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯାଏ ପ୍ରତିଟି ମାନବୀୟ ଲୀଳା ପଛରେ ଦେବୀଙ୍କର ହାତ ରହିଛି । ମା' ସର୍ବଦା ପାପର ବିନାଶ କରି ସତ୍ୟ,ଧର୍ମ ପ୍ରତିଷ୍ଠା କରିଛନ୍ତି । ଶକ୍ତି ଆରାଧନାରେ ଅପାର ଶକ୍ତି ରହିଛି । ' ଶକ୍ତିର ଆଦି ନାହିଁ କି ଅନ୍ତ ନାହିଁ ଶକ୍ତି ସର୍ବଦା ଅନ୍ୟ ଏକ ରୂପକୁ ରୂପାନ୍ତର ହୋଇଥାଏ ' । ଯୁଗେ ଯୁଗେ ମା' ନିଜର ସନ୍ତାନ ମାନଙ୍କୁ ରକ୍ଷା କରିଆସିଛନ୍ତି । ତ୍ରେତୟା ଯୁଗରେ ମାତା କୈକେୟୀ ନିଜର ପୁତ୍ର ଭରତଙ୍କ ଠାରୁ ରାମଙ୍କୁ ଅଧିକ ଭଲ ପାଉଥିଲେ । ମାତା କୈକେୟୀ ଜାଣିଥିଲେ ଯେ ରାମ ଦେଶ ର ରାଜା ହେବେ ଯଦି ରାମ ଭୋଗ ବିଳାସ ଜୀବନ ଯାପନ କରିବେ ତେବେ ସଂସାରର ହିତ ସାଧନ ତଥା ରାମ ଅବତାରର ମୁଖ୍ୟ ଲକ୍ଷ୍ୟ ସାକାର ହୋଇ ପାରିବ ନାହିଁ । ରାତି ପାହିଲେ ରାମ ରାଜା ହେବେ କିନ୍ତୁ ବନବାସ ଯିବା ପାଇଁ ହୋଇଥିଲା । ସେଥିପାଇଁ କୁହାଯାଇଛି – 'କୁପୁତ୍ର ଜାୟତେ କୋ ଚି ଦପି କୁମାତା ନ ଭବତି ।' ଅର୍ଥାତ ପୁତ୍ର ଖରାପ ହୋଇପାରେ କିନ୍ତୁ ମାଆ କେବେ ବି ନୁହଁ । ମାଆର ପ୍ରତିଟି ନିଷ୍ପତ୍ତି ଓ ବାକ୍ୟ ବେଦବାଣୀ ଠୁ ଅଧିକ । କାରଣ ସେହିଁ ସୃଷ୍ଟିର ଆରମ୍ଭ ଓ କାରଣ ।



ବନବାସ ସମୟରେ ପ୍ରଭୁ ଶ୍ରୀରାମ ରାବଣର ବିନାଶ ପାଇଁ ମା'ଙ୍କୁ ଆରାଧନା କରିଥିଲେ । କିନ୍ତୁ ହରିଶୟନ ଏକାଦଶୀ ପରେ ସମସ୍ତ ଦେବାଦେବୀ ଚାରିମାସ ପାଇଁ ଶୟନ କରୁଥିବା ବେଳେ ରାବଣର ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ପ୍ରଭୁ ରାମ ଆଶ୍ୱିନ ମାସର ଏହି ଅକାଳ ସମୟରେ ମାଆ ଦୁର୍ଗାଙ୍କର ଆରାଧନା କରିଥିଲେ, ଯାହାକି ଆଜିବି ଆମେ ମାନେ ଶାରଦୀୟ ଦୁର୍ଗାପୂଜା ରୂପେ ପାଳନ କରିଥାଉ । ମାଆ ଦୁର୍ଗା ରାମଚନ୍ଦ୍ରଙ୍କ ଭକ୍ତିରେ ପ୍ରସନ୍ନ ହୋଇଥିଲେ ମଧ୍ୟ ତାଙ୍କର ପରୀକ୍ଷା ନେଇ ଥିଲେ । ମା' ସର୍ବଦା ସନ୍ତାନ ମାନଙ୍କୁ ଶକ୍ତ କରିବା ପାଇଁ ଭକ୍ତିର ପରୀକ୍ଷା ନେଇଥାନ୍ତି । ପୂଜାରେ ଅର୍ପଣ ପାଇଁ ଆସିଥିବା ୧୦୮ ଟି ନୀଳପଦ୍ମ ମଧ୍ୟରୁ ଗୋଟିଏ ଲୁଚେଇ ଦେଇଥିଲେ ରାମଚନ୍ଦ୍ର ୧୦୭ ଟି ନୀଳପଦ୍ମ ମାଆଙ୍କୁ ଅର୍ପଣ କରିବା ପରେ ଶେଷରେ ଯେତେବେଳେ ଗୋଟିଏ ଫୁଲ ପାଇନଥିଲେ, ନିଜର ତୂଣୀରରୁ ଶର ବାହାର କରି ମାଆଙ୍କୁ ନିଜର ଚକ୍ଷୁ ସମର୍ପଣ କରିବା ପାଇଁ ଉଦ୍ୟତ ହେଇଥିଲେ । କାରଣ ତାଙ୍କୁ ରାଜୀବ ଲୋଚନ କୁହାଯାଏ । ଏହି ସମୟରେ ମାଆ ପ୍ରକଟ ହୋଇ ରାମଙ୍କୁ ରୋକିବା ସହ ବିଜୟ ପାଇଁ ବର ପ୍ରଦାନ କରିଥିଲେ । ମା ଆଶିର୍ବାଦ ରେ ସନ୍ତାନ ସର୍ବଦା ବିଜୟ ହୋଇଥାଏ । ମା'ଙ୍କ ଆଶିର୍ବାଦରେ ରାମଚନ୍ଦ୍ର ରାବଣଙ୍କୁ ମାରି ପାପର ବିନାଶ କରି ଧର୍ମର ପ୍ରତିଷ୍ଠା କରିଥିଲେ । ମାତା ସୀତା ଙ୍କୁ ଫେରାଇ ଆଣିଥିଲେ । ଯଦି ରାମଚନ୍ଦ୍ର ଆଜି ମର୍ଯ୍ୟାଦା ପୁରୁଷୋତ୍ତମ ହୋଇଛନ୍ତି ତେବେ ଏଥିପାଇଁ ମାତୃଶକ୍ତିର ଅଲୌକିକ ଆଶୀର୍ବାଦ ରହିଛି ।

ଦ୍ୱାପର ଯୁଗରେ କଂସର ଅତ୍ୟାଚାରରେ ଅତିଷ୍ଠ ହୋଇପଡିଥିବା ଧରାକୁ ରକ୍ଷା କରିବା ନିମନ୍ତେ ପ୍ରଭୁ ଶ୍ରୀକୃଷ୍ଣ ଧରାପୃଷ୍ଠକୁ ଆଗମନ କରିଥିଲେ । ତେବେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ପୂର୍ବରୁ ଦେବୀ ଯୋଗମାୟା ନିଜେ ଜନ୍ମ ହୋଇ କଂସକୁ ବଧ କରିବା ନିମନ୍ତେ କୃଷ୍ଣ ଆସୁଥିବାର ସୂଚନା ଦେଇଥିଲେ । ଯେଉଁଥି ପାଇଁ ଆଜିବି ଜନ୍ମାଷ୍ଟମୀ ତିଥିରେ ଦୁର୍ଗାପୂଜା ପାଇଁ ନଦୀ ତଟରୁ ମୃତ୍ତିକା ସଂଗ୍ରହ ପରମ୍ପରା ରହିଛି । କଳିଯୁଗରେ ଶ୍ରୀକ୍ଷେତ୍ର ଧାମରେ ବିରାଜିତ ଚତୁର୍ଦ୍ଧା ମୂର୍ତ୍ତି ବଡ ଠାକୁର ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନ ହେଉଛନ୍ତି ପ୍ରତିଟି ଓଡ଼ିଆର ପ୍ରାଣ କେନ୍ଦ୍ର । ତେବେ ଶ୍ରୀକ୍ଷେତ୍ର ଧାମର ଅଧିଷ୍ଠାତ୍ରୀ ଦେବୀ ହେଉଛି ମାଆ ବିମଳା, ଯାହାଙ୍କ ପାଖରେ ପ୍ରତିଦିନ ପ୍ରସାଦ ଲାଗିହେଲା ପରେ ହିଁ ତାହା ମହାପ୍ରସାଦ ରେ ପରିଣତ ହୁଏ ଯୁଗେ ଯୁଗେ ମା ସର୍ବଦା ପାପର ବିନାଶ ପାଇଁ ଧରା ପୃଷ୍ଠକୁ ଅବତରଣ କରିଛନ୍ତି । ସବୁ ଯୁଗରେ ମା'ଙ୍କ ଆଶିର୍ବାଦ ସର୍ବାଗ୍ରେ ।ମହିଶାମର୍ଦ୍ଦିନି ମା କେବଳ ମହିଷାସୁର ଭଳି ପାପିକୁ ନୁହଁ ତାର ପାପକୁ ବିନାଶ କରି ନାରୀ ଶକ୍ତିର ଅନନ୍ୟ ନିଦର୍ଶନ ହୋଇଛନ୍ତି । ମା ବିଭିନ୍ନ ରୂପରେ ସନ୍ତାନ ମାନ ଙ୍କୁ ଦର୍ଶନ ଦେଇଥାନ୍ତି । 'ଶକ୍ତି ବିନା ସୃଷ୍ଟିର ପରିକଳ୍ପନା ଅସମ୍ଭବ' ।

**ନୀଳଗିରି,ବାଲେଶ୍ୱର**

# ଦଳ ଛାଡ଼ିଥିବା ନେତାଙ୍କୁ ଫେରିଆସିବାକୁ ମମତାଙ୍କ ଆମନ୍ତ୍ରଣ

ବିଧାନସଭା ନିର୍ବାଚନ ଫଳାଫଳ ପରେ ପ୍ରଥମ ଥର ପାଇଁ ଉତ୍ତର ଦିନାଜପୁର ଜିଲା ଚୋପଡ଼ାରେ ମମତା ବାନାର୍ଜୀ ସମର୍ଥିତ ତୃଣମୂଳ କଂଗ୍ରେସ ନିଜର ସାଂଗଠନିକ ଶକ୍ତି ପ୍ରଦର୍ଶନ କରିଛି । ରବିବାର କମଳାଗାଁ-ସୁଜାଲି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଆୟୋଜିତ ଦଳୀୟ ବୈଠକରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ ।

ଏହି ବୈଠକରେ ଟିଏମ୍‌ସି ଏମପି କଲ୍ୟାଣ ବାନାର୍ଜୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିବା ବେଳେ ଇଟାହାର ବିଧାୟକ ମୁଶରଫ ହୁସେନ ଓ ଦଳର ଅନ୍ୟ ନେତାମାନେ ମଧ୍ୟ ଯୋଗ ଦେଇଥିଲେ । ବୈଠକ ଆରମ୍ଭ ପୂର୍ବରୁ ମମତା ବାନାର୍ଜୀ ମୋବାଇଲ୍ ଫୋନ୍ ମାଧ୍ୟମରେ ଉତ୍ତର ଦିନାଜପୁରର କର୍ମୀ ଓ ସାଧାରଣ ଲୋକଙ୍କୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ଦଳ ଛାଡ଼ିଥିବା ଟିଏମ୍‌ସି ଏମପି ଓ ବିଧାୟକମାନଙ୍କୁ ମମତା ୧୫ ଦିନ ମଧ୍ୟରେ ଦଳକୁ ଫେରିବା ପାଇଁ ସମୟ ଦେଇଥିବା କହିଛନ୍ତି । ଏହି ସମୟସୀମା ମଧ୍ୟରେ ଫେରି ନଆସିଲେ ଦଳରେ ସେମାନଙ୍କ ପାଇଁ ସ୍ଥାନ ରହିବ ନାହିଁ ବୋଲି ସେ କହିଛନ୍ତି । ମମତା ଦଳୀୟ ନେତାଙ୍କ ଅପେକ୍ଷା କର୍ମୀ ଓ ସମର୍ଥକମାନେ ହିଁ ତୃଣମୂଳ କଂଗ୍ରେସର ପ୍ରକୃତ ଶକ୍ତି ବୋଲି ମତ ଦେଇଥିଲେ ।

ମମତା ବାନାର୍ଜୀ ନିର୍ବାଚନ ଆୟୋଗ ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ । ଜ୍ଞାନେଶ କୁମାର ଦାୟିତ୍ୱରେ ଥିବା ପର୍ଯ୍ୟନ୍ତ ଭାଜପା କ୍ଷମତାରେ ରହିବ ବୋଲି ସେ ଅଭିଯୋଗ କରିଥିଲେ । ତେବେ ନିର୍ବାଚନ ଆୟୋଗ ଓ ଭାଜପା ଏପରି ଅଭିଯୋଗକୁ ଖଣ୍ଡନ କରିଆସିଛନ୍ତି । ନିକଟରେ ଏସଆଇଆର ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ନିର୍ବାଚନ ଆୟୋଗକୁ ଟାର୍ଗେଟ କରିଥିବା ବେଳେ ଏହାକୁ ନେଇ ବିବାଦ ଜାରି ରହିଛି । ମମତା କହିଥିଲେ ଯେ, ୧୯୯୮ରେ ଦଳ ଗଠନ କରିବାରେ ସେ ସଫଳ ହୋଇଥିଲେ ଏବଂ ଏବେ ମଧ୍ୟ ଦଳକୁ ପୁଣି ଶକ୍ତିଶାଳୀ କରିପାରିବେ । ସେ ଟିଏମ୍‌ସିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ତାଙ୍କ ମତରେ, ଟିଏମ୍‌ସି ବିନା ଇଣ୍ଡି ମେଣ୍ଟ ଶକ୍ତିଶାଳୀ ହୋଇପାରିବ ନାହିଁ ଏବଂ ଭାଜପା ବିରୋଧରେ ଲଢ଼ିବାକୁ ଦଳକୁ ଆହୁରି ମଜବୁତ କରିବା ଆବଶ୍ୟକ ବୋଲି ମମତା କହିଛନ୍ତି ।

# କୃତ୍ରିମ ବୁଦ୍ଧିମତା ଓ ହୃଦ୍‌ରୋଗ

ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ବର୍ତ୍ତମାନର ସମୟ ସୂଚନା ପ୍ରଯୁକ୍ତିର, ଦିଗନ୍ତବିସ୍ତାରୀ ସୀମା ହୀନ ଏହି ଅତ୍ୟାଧୁନିକ ଜ୍ଞାନ ସବୁ ଏ ଦୁନିଆର ଅନେକ କ୍ଷେତ୍ରକୁ ପ୍ରଭାବିତ କରିଛି ଓ ବିକଶିତ କରିଛି । ବର୍ତ୍ତମାନ ସବୁଠାରୁ ବଡ଼ ଆଲୋଚନା ହେଉଥିବା 'ଏଆଇ' ବା କୃତ୍ରିମ ବୁଦ୍ଧିମତା ବ୍ୟବସ୍ଥା ହୃଦରୋଗ କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହେଲାଣି । ରୋଗୀର ଲକ୍ଷଣ ଠାରୁ ସେମାନଙ୍କ ଶରୀରର ପରୀକ୍ଷା, ଇସିଜି ଠାରୁ ରକ୍ତ ପରୀକ୍ଷା ଓ ବିଭିନ୍ନ ଚିକିତ୍ସା ବ୍ୟବସ୍ଥାର ସୂକ୍ଷ୍ମାତି ସୂକ୍ଷ୍ମ ପରାମର୍ଶ, ନିଦାନ ଓ ଚିକିତ୍ସା ସେବା କ୍ଷେତ୍ରରେ ଏଆଇ ସହଯୋଗୀର ଭୂମିକା ନିର୍ବାହ କରୁଛି । ପ୍ରାଥମିକ ଭାବେ ଯଥେଷ୍ଟ ଆଗରୁ ରୋଗକୁ ଜାଣିବା ସହ ସ୍ଥିତି ସମ୍ପର୍କରେ ଯେତେ ସହଜ ହେଲେ ମଧ୍ୟ କୌଣସି ପରିସ୍ଥିତିରେ ଏହା ଚିକିତ୍ସକଙ୍କ ବିକଳ୍ପ କିନ୍ତୁ ହୋଇପାରିବେ ନାହିଁ ।

କୃତ୍ରିମ ବୁଦ୍ଧିମତାର ଏ ବ୍ୟବସ୍ଥାର ବଡ଼ ସ୍ୱତନ୍ତ୍ରତା ହେଉଛି ହୃଦରୋଗ ସମସ୍ୟା ସହ ସମ୍ପର୍କ ରହିଥିବା ହୃତପିଣ୍ଡର ଅଲଟ୍ରା ସାଉଣ୍ଡ, ଇସିଜିର ବିଦ୍ୟୁତ ସଂକେତ, ସିଟି ଓ ଏମଆରଆଇ, ରକ୍ତ ପରୀକ୍ଷା, ରକ୍ତଚାପ ସହିତ ପୁରୁଣା ଚିକିତ୍ସାର ସବିଶେଷ ରେକର୍ଡ଼ ରହିଥାଏ । ମେସିନ ଲର୍ଣ୍ଣିଂକୁ ଶିକ୍ଷପ୍ରଦ କରାଇ ରୋଗର ସୂକ୍ଷ୍ମ ସଂକେତ ଚିହ୍ନଟ କରାଯାଉଛି । ବର୍ତ୍ତମାନ ବ୍ୟବହାର କରାଯାଉଥିବା ଏଆଇ କ୍ଷେତ୍ରରେ ଇସିଜି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହାର ତଥ୍ୟ ଡିଜିଟାଲ ବ୍ୟବସ୍ଥାରେ ବେଶ ସହଜରେ ଏଆଇ ଦ୍ୱାରା ସମୀକ୍ଷା ଓ ବିଶ୍ଲେଷଣ କରାଯାଉଛି । ଏଆଇ ଇସିଜିରେ ହୃଦସ୍ପନ୍ଦନର ଅନିୟମିତତା ଯଥା ଏଟ୍ରିଆଲ ଫିବ୍ରିଲେସନ ଏବଂ ହୃତପିଣ୍ଡର ବିଦ୍ୟୁତ ସଂକେତର ଅସ୍ୱାଭାବିକତା ଚିହ୍ନଟ କରିପାରେ । କେବଳ ସେତିକି ନୁହେଁ କେତେକ ରୋଗର ଲକ୍ଷଣ ବାରି ହେବା ପୂର୍ବରୁ ଏହା ପ୍ରାକ୍ ଓ ସୂକ୍ଷ୍ମ ସଂକେତ ଦେଇଥାଏ । ସାଧାରଣ ଜୀବନରେ ଆଜିକାଲି ସ୍ମାର୍ଟ ଘଡି ଓ ଅନ୍ୟ ପରିଧାନ ଯୋଗ୍ୟ ଉପକରଣ ଦ୍ୱାରା ଅନେକ ଲୋକ ନିଜ ହୃଦସ୍ପନ୍ଦନ ତଥା ଶାରୀରିକ ସଞ୍ଚାଳନ ତଥ୍ୟ ପାଇପାରୁଛନ୍ତି । ତେବେ ଏ କ୍ଷେତ୍ରରେ ଅନ୍ୟ ଏକ ଦିଗ ମଧ୍ୟ ରହିଛି । ଏଆଇ ଯଦି ଅଧିକ ଭାବେ ସମ୍ବେଦନଶୀଳ ହୁଏ ତେବେ ଶରୀରର ସାଧାରଣ ପରିବର୍ତ୍ତନକୁ ମଧ୍ୟ ରୋଗର ସଙ୍କେତ ବୋଲି ଧରିପାରେ ।

ଆମ ଶରୀରରେ ଥିବା ହୃତପିଣ୍ଡର ଏକ ଅପରିହାର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ 'ଇକୋକାର୍ଡ଼ିଓଗ୍ରାଫି' କୁହାଯାଏ । ଯାହାକୁ ସାଧାରଣରେ ସମସ୍ତେ 'ଇକୋ' ପରୀକ୍ଷା ଭାବେ ବୁଝିଥାନ୍ତି । ଏହି ପରୀକ୍ଷାରୁ ଜଣଙ୍କର ହୃତପିଣ୍ଡର ରକ୍ତ ସଞ୍ଚାଳନ କରିବାର କ୍ଷମତା, ଶରୀରରେ ରକ୍ତ ପ୍ରବାହ, ଭାଲବ ଓ ହୃତପିଣ୍ଡର କୋଠରୀ ସମ୍ପର୍କରେ ସବିଶେଷ ଜଣାଇଥାଏ । ତେବେ ବର୍ତ୍ତମାନର ଏଆଇ ବ୍ୟବସ୍ଥା ଏହି ଇକୋର ତଥ୍ୟ ଅନୁଯାୟୀ ହୃତପିଣ୍ଡର ଗୁରୁତ୍ୱପୂର୍ଣ୍ଣ ଅଂଶକୁ ଚିହ୍ନଟ କରିବା ସହ ଭାଲବରେ ଥିବା ସମସ୍ୟା ଚିହ୍ନଟ କରିବାରେ ସହାୟକ କରିବ । ଶରୀରରେ ବିଶେଷକରି ହୃତପିଣ୍ଡର ଆକାର ଓ ଗଠନରେ ପରିବର୍ତ୍ତନ ତଥା ମିଟ୍ରାଲ ଓ ଏଅର୍ଟିକ ଭାଲଭର ସ୍ଥିତି ସମ୍ପର୍କରେ ହୃଦରୋଗ ବିଶେଷଜ୍ଞଙ୍କୁ ସହାୟତା କରିବ ।

ହୃତପିଣ୍ଡର ସାମ୍ପ୍ରତିକ ସ୍ଥିତି ଓ ସୁସ୍ଥତା ସମ୍ପର୍କରେ ସିଟି ଓ ଏମଆରଆଇ ପରୀକ୍ଷାରୁ ସବିଶେଷ ତଥ୍ୟ ସୂଚୀତ ହୁଏ । ତେବେ ଏଆଇର କାର୍ଯ୍ୟ ହେଉଛି ସେ ଏହାକୁ ତଥ୍ୟ ଆଧାର ଅନୁଯାୟୀ ସମସ୍ତ ଦିଗକୁ ଆକଳନ ଓ ବିଶ୍ଲେଷଣ କରି ହୃତପିଣ୍ଡର ବିଭିନ୍ନ କ୍ଷେତ୍ରକୁ ଚିହ୍ନଟ କରିବା ସହ ରକ୍ତନଳୀରେ ଜମିଥିବା ଚର୍ବି ଜାତୀୟ ପଦାର୍ଥ ବା କ୍ୟାଲସିୟମର ପରିମାଣକୁ ଜାଣିବା ସହ ଏହାକୁ ହୃଦରୋଗ ବିଶେଷଜ୍ଞଙ୍କୁ ତଥ୍ୟ ସହାୟତା ପ୍ରଦାନ କରିବ । ଏଠାରେ ସୂଚନା ଥାଉକି ଭାଲଭ ରିପ୍ଲେସମେଣ୍ଟ ବା ପ୍ରତିସ୍ଥାପନ ପୂର୍ବରୁ ଭାଲଭର ଆକାର, ରକ୍ତନଳୀ ଦେଇ ଚିକିତ୍ସା ଉପକରଣ ପହଞ୍ଚାଇବାର ସୁବିଧା ଏବଂ ନିକଟସ୍ଥ ଅଙ୍ଗଗୁଡ଼ିକ ସ୍ଥିତି ବୁଝିବାରେ ମଧ୍ୟ ଏଆଇ ସହାୟକ ହୋଇଥାଏ । କେବଳ ସେତିକି ନୁହେଁ କାର୍ଡ଼ିଆକ ଏମଆରଆଇରେ ହୃତପିଣ୍ଡର ତନ୍ତୁରେ ଦାଗ, କଠିନତା, ପ୍ରଦାହ ଏବଂ କାର୍ଡ଼ିଓ ମାୟୋପାଥି ଭଳି ପରିବର୍ତ୍ତନ ଚିହ୍ନଟ କରିପାରେ ଏଆଇ ।

ଏଆଇର ବଡ଼ ସୁବିଧା ହେଉଛି ଏହା ବିଭିନ୍ନ ପରୀକ୍ଷାଫଳର ତଥ୍ୟକୁ ବିଶ୍ଲେଷଣ କରି ରୋଗୀର ଲକ୍ଷଣ, ଚିକିତ୍ସା ଇତିହାସ, ପୁରୁଣା ରୋଗ, ରକ୍ତ ପରୀକ୍ଷା, ଔଷଧର ବ୍ୟବହାର ସମ୍ବନ୍ଧୀୟ ତଥ୍ୟର ରେକର୍ଡ଼ ଦୀର୍ଘକାଳୀନ ସମୟ ପାଇଁ ରଖିପାରେ । ଜୀବନରେ ଜଣଙ୍କର ଯେ କୌଣସି ସମୟରେ ବି ହାର୍ଟ ଫେଲ୍ୟୁଅର ବା ଯେ କୌଣସି ହୃଦରୋଗର ସମସ୍ୟା ଦେଖିବାମାତ୍ରେ ଏଆଇ ଏହାକୁ ପୂର୍ବରୁ ସୂଚୀତ କରିପାରେ ।

ଦିନ ଆସୁଛି ହୃଦରୋଗ କ୍ଷେତ୍ରରେ ଏଆଇର ଗୁରୁତ୍ୱପୂର୍ଣ୍ଣ ବ୍ୟବହାର ଓ ଉପଯୋଗ ହେବ । ରୋଗର ଆଶଙ୍କା ଜଣଙ୍କ ଠାରେ ଲକ୍ଷଣ ଭାବରେ ଦେଖାଦେବା ପୂର୍ବରୁ ଏଆଇ ସତର୍କ ସୂଚନା ଜଣାଇବାକୁ ସକ୍ଷମ । କେବଳ ସେତିକି ନୁହେଁ ରୋଗୀର ବର୍ତ୍ତମାନର ତଥ୍ୟ ଓ ପୁରୁଣା ଚିକିତ୍ସା ରେକର୍ଡ଼କୁ ଏକାଠି ବିଶ୍ଲେଷଣ କରି ଅଧିକ ଆଶଙ୍କା ଥିବା ଲୋକଙ୍କୁ ଲକ୍ଷଣ ଦେବା ପୂର୍ବରୁ ଚିହ୍ନଟ କରିବାରେ ସହାୟତା କରିପାରେ । ତେବେ ଏହି ପୂର୍ବାନୁମାନ କେତେ ଯେ ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଭରଷାଯୋଗ୍ୟ ସେ ସମ୍ପର୍କରେ ଗଣମାଧ୍ୟମରେ ବିଭିନ୍ନ ଖବର ପ୍ରକାଶ ପାଉଛି । ସେହିପରି ହୃଦରୋଗର ଚିକିତ୍ସା ସମୟରେ ଆଇସିୟୁରେ ଥିବା ରୋଗୀର ରକ୍ତଚାପ ଠାରୁ ରକ୍ତରେ ଅମ୍ଳଜାନର ମାତ୍ରା, ଶ୍ୱାସପ୍ରଶ୍ୱାସ ଠାରୁ ହୃଦସ୍ପନ୍ଦନ ବିଭିନ୍ନ ରକ୍ତ ପରୀକ୍ଷା ଠାରୁ ହୃତପିଣ୍ଡର କାର୍ଯ୍ୟ ସମ୍ପର୍କରେ ମିଳୁଥିବା ତଥ୍ୟକୁ ଏଆଇ ବିଶ୍ଳେଷଣ କରି ରୋଗୀଙ୍କ ଅବସ୍ଥା ଓ ସମ୍ଭାବ୍ୟ ଜଟିଳତା ସମ୍ପର୍କରେ ହୃଦରୋଗ ବିଶେଷଜ୍ଞଙ୍କୁ ଆଗୁଆ ସୂଚୀତ କରିପାରେ । ତେବେ ଏସବୁ ଭିତରେ ଅନ୍ୟ ଏକ ଦିଗଟି ମଧ୍ୟ ରହିଛି ଧରାଯାଉ ଏଆଇ ବାରମ୍ବାର ଭୁଲ ସତର୍କ ସଙ୍କେତ ଦେଉଥାଏ ତେବେ ଏଥିରେ ଡାକ୍ତର ଓ ନର୍ସ ତଥା ସହାୟକମାନେ ଏହି ସତର୍କତାରେ ବେଶ ଅଭ୍ୟସ୍ତ ହୋଇଯାଆନ୍ତି ଯାହାଫଳରେ ପ୍ରକୃତ ପକ୍ଷରେ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଅଣଦେଖା ହୋଇଯାଏ ଯାହାକୁ 'ଆଲାର୍ମ ଫାଟିଗ୍' କୁହାଯାଏ ।

ଚିକିତ୍ସା ବିଜ୍ଞାନରେ ବିଶେଷକରି ହୃଦରୋଗ ପରି ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ବ୍ୟବସ୍ଥାରେ ଏଆଇର ବ୍ୟବହାର ଅନେକ ପ୍ରଶ୍ନ, ଅନେକ ଆଲୋଚନା, ତର୍କବିତର୍କର ଆହ୍ୱାନ ରଖୁଛି । ଡାକ୍ତରଙ୍କ ସ୍ଥାନ ଏଆଇ ନେବା ନେଇ ବିଭିନ୍ନ ଗଣମାଧ୍ୟମରେ ସମୀକ୍ଷାତ୍ମକ ଲେଖା ସବୁ ପ୍ରକାଶ ପାଉଛି । ତେବେ ଏ ସବୁ ଭିତରେ ଡାକ୍ତରଙ୍କ ଗବେଷଣା, ଜ୍ଞାନ, ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଏଆଇକୁ ନିରାପଦ ଭାବରେ ଏକ ବିକଳ୍ପ ପଦ୍ଧତି ଭାବରେ ବ୍ୟବହାର କରାଯିବା ନେଇ ଆଲୋଚନା ଜାରି ରହିଛି । ତେବେ କୃତ୍ରିମ ବୁଦ୍ଧିମତା ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ନିଶ୍ଚିନ୍ତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବେ ଦାୟିତ୍ୱ ନିର୍ବାହ କରୁଛି ନିଶ୍ଚୟ ।

**କଟକ**
**ମୋ : ୯୪୩୭୨୭୭୮୬୪**

# ମାନସିକ ସ୍ୱାସ୍ଥ୍ୟ ପାଇଁ ସହଜ ଉପାୟ

ଡ଼ଃ.ଅରୁନ୍ଧତୀ ଦେବୀ

ବର୍ତ୍ତମାନ ସମୟରେ ବିଶେଷକରି ବିଦ୍ୟାର୍ଥୀ ମାନଙ୍କ କ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଉଦବେଗଜନକ । ସେମାନଙ୍କର ବୌଦ୍ଧିକ ଜୀବନର ମୁଖ୍ୟ କେନ୍ଦ୍ର କୁହାଯାଉଥିବା ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସେମାନେ କେବଳ ପାଠପଢ଼ି ନଥାନ୍ତି ବରଂ ଜୀବନ ଅଧ୍ୟୟନ କରିଥାନ୍ତି । ଯାହା ସେମାନଙ୍କ ସମୁଜ୍ଜଳ ଭବିଷ୍ୟତ, କ୍ୟାରିୟର ସବୁକିଛି ଜଡ଼ିତ । କିଛିଦିନ ତଳେ ରାଜସ୍ଥାନର କୋଟାରେ ଜଣେ ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା ଖବର ପ୍ରକାଶ ପାଇଥିଲା । ନିକଟରେ ଭାରତର ସୁପ୍ରିମକୋର୍ଟ ଗଢ଼ିଥିବା ଜାତୀୟ ଟାସ୍କଫୋର୍ସଙ୍କର ଅଧ୍ୟୟନର ତଥ୍ୟ ଅନୁଯାୟୀ ପ୍ରତି ଶହେ ଜଣଙ୍କ ଭିତରୁ ପାଖାପାଖି ପନ୍ଦର ଜଣ ମାନସିକ ଯନ୍ତ୍ରଣାକୁ ସାମ୍ନା କରୁଛନ୍ତି । ସେମାନଙ୍କର ଦୁଃଖ, ଉଦବେଗ, ଭରଷା, ଚିନ୍ତା ପରି ଦୀର୍ଘକାଳୀନ ଚାପକୁ ସାମ୍ନା କରୁଥିବାର ଖବର ପ୍ରକାଶ ପାଇଛି । ଏହି ଅଧ୍ୟୟନର ତଥ୍ୟ ବିଦ୍ୟାର୍ଥୀ ମାନଙ୍କ ନିତିଦିନିଆ ଜୀବନରେ ସାମ୍ନା କରୁଥିବା ମାନସିକ ଚାପ ଓ ସେମାନଙ୍କର ବିଶ୍ୱବିଦ୍ୟାଳୟର କ୍ୟାମ୍ପସରେ ବୌଦ୍ଧିକ ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିଛି ।

ଆଜିକାଲି ଶାରୀରିକ ସୁସ୍ଥତା ସହ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଲାଣି । ବର୍ତ୍ତମାନର ଚାପଗ୍ରସ୍ତ ଓ ବ୍ୟସ୍ତ ଜୀବନଶୈଳୀ ଯୋଗୁ ବିଦ୍ୟାର୍ଥୀମାନେ ଅନେକ ମାନସିକ ସମସ୍ୟାର ଶିକାର ହେଉଛନ୍ତି । ତେଣୁ ମାନସିକ ସୁସ୍ଥତା ବଜାୟ ରଖିବା ବଡ଼ ଆହ୍ୱାନ ଭାବେ ସାମ୍ନାକୁ ଆସିଛି । ପାଠପଢ଼ା ସମୟ ବ୍ୟତୀତ ଗପସପ ହୁଅନ୍ତୁ, ଭାବ ପ୍ରକାଶ କରନ୍ତୁ । ନିରବ ନିଃସଙ୍ଗ ରହନ୍ତୁ ନାହିଁ । ସେ ବାପା କି ମାଆ ହୁଅନ୍ତୁ, କାହାରି ନା କାହାରି ପାଖକୁ ଯାଆନ୍ତୁ । ତାଙ୍କ ଆଗରେ ନିଜ ଅସୁବିଧା, ସମସ୍ୟା କଥା କହନ୍ତୁ । ତାଙ୍କୁ ସହାୟତା ମାଗିବାକୁ କୁଣ୍ଠିତ ହୁଅନ୍ତୁ ନାହିଁ କି ଭୟ କରନ୍ତୁ ନାହିଁ । କେବେ ଭୁଲନ୍ତୁ ନାହିଁ ସେମାନେ ହିଁ ତୁମର ନିଶ୍ଚିନ୍ତ ଅନ୍ତରଙ୍ଗ ଏବଂ ତୁମ ସୁଖଦୁଃଖର ସାଥୀ ।

ନିଜ ଛାତ୍ରବନ୍ଧୁଙ୍କ ବ୍ୟତୀତ ସମାଜର ସବୁବର୍ଗଙ୍କ ପ୍ରତି ସାହାଯ୍ୟ ସହଯୋଗ ଓ ସହୃଦୟତାର ମାନସିକତା ରଖନ୍ତୁ । ଅପରକୁ ସାହାଯ୍ୟ କରନ୍ତୁ । ଅପରକୁ ସାହାଯ୍ୟ କଲେ ଭିନ୍ନ ପ୍ରକାରର ସୁଖ ବା ଆତ୍ମସନ୍ତୋଷ ମିଳେ । ଏ ସହାୟତା ଏତେ ବେଶୀ ବଡ଼ ହେବା ବାଞ୍ଛନୀୟ ନୁହେଁ । କାହାକୁ ରାସ୍ତାପାର କରାଇଦେବା ଅଥବା ସଉଦାପତ୍ର ଆଣିଦେବା ଭଳି ଛୋଟକାଟିଆ କାମ ବି ଅପାର ଆନନ୍ଦ ଦିଏ । ବେଶୀ ସମୟ ଟିଭି ଦେଖନ୍ତୁ ନାହିଁ । ସ୍ମାର୍ଟଫୋନରେ ଅଧିକ ସମୟ ଅତିବାହିତ କରନାହିଁ । ମାତ୍ରାଧିକ ଟେଲିଭିଜନ ଦେଖିବା ଦ୍ୱାରା ବିଦ୍ୟାର୍ଥୀମାନେ ଜିଉଁଥିବା ବାସ୍ତବ ଜୀବନ ନିଷ୍ପ୍ରଭ ହୋଇଯାଏ । ନିରନ୍ତର ନକାରାତ୍ମକ ସମ୍ବାଦ ଦେଖିବା ଦୁଃଖନ୍ତ ସିରିଜ ଅଥବା ଚଳଚ୍ଚିତ୍ର ଦେଖିବା, ସାମାଜିକ ଗଣମାଧ୍ୟମ ଘାଣ୍ଟିବା ଓ ଅନ୍ୟ ଲୋକଙ୍କର ନକାରାତ୍ମକ ମତାମତ ପଢ଼ିବା ଦ୍ୱାରା ମନରେ ଭୀଷଣ କୁପ୍ରଭାବ ପଡ଼େ । ଏସବୁ ବନ୍ଦ କରିଦିଅନ୍ତୁ ଏବଂ ସେଥିପ୍ରତି ବିଶେଷ ଧ୍ୟାନ ନିବିଷ୍ଟ କରନ୍ତୁ ନାହିଁ । ଦେହପା' ଯତ୍ନ ନିଅନ୍ତୁ । ମାନସିକ ସ୍ୱାସ୍ଥ୍ୟ ଉପରେ ସାମଗ୍ରିକ ସ୍ୱାସ୍ଥ୍ୟର ବିଶେଷ ପ୍ରଭାବ ରହିଛି । ସୁଷମ ଆହାର ଖାଆନ୍ତୁ ଓ ଦୈନିକ ଅତି କମ୍‌ରେ ୧୦ରୁ ୧୫ ମିନିଟ କସରତ କରନ୍ତୁ । କାମରୁ ଟିକେ ଅବ୍ୟାହତ ନେଇ କିଛି ସମୟ ଶୋଇପଡ଼ନ୍ତୁ । ଏହାଦ୍ୱାରା ଆପଣ ମାନସିକ ଓ ଶାରୀରିକ ଭାବେ ସବଳ ଅନୁଭବ କରିବେ ।

ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସପ୍ତାହଟି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳନ ହୋଇଥାଏ । କେବଳ ମାନସିକ ରୋଗ ଯେ ଏକ ନିର୍ଦ୍ଦିଷ୍ଟ ବର୍ଗ ବା ବୟସ୍କଙ୍କର ତାହା ଭାବିବା ଅନୁଚିତ । ଯେ କୌଣସି ମଣିଷ ଅସାମାଜିକ, ଅମାନବୀୟ, ଚିନ୍ତା ଚେତନାର ଆଚରଣ ପ୍ରଦର୍ଶନ କଲେ ସ୍ୱତଃ ସେ ଜଣେ ମାନସିକ ବିକୃତ । ତେବେ ଆମ ସମାଜର ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ କୁହାଯାଉଥିବା ତଥା ଏକ ଉଜ୍ଜ୍ୱଳ ଓ ଗୌରବପୂର୍ଣ୍ଣ ଭାରତର ସମ୍ପତ୍ତି ବିଦ୍ୟାର୍ଥୀମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ କେବଳ ସେହି ପିଲାମାନଙ୍କର କିମ୍ବା ତାଙ୍କ ଅଭିଭାବକଙ୍କର ତାହା ନୁହଁ, ଏ କ୍ଷେତ୍ରରେ ମନସ୍ତତ୍ତ୍ୱବିତ୍‌ଙ୍କ ଠାରୁ ମାନସିକ ରୋଗ ବିଶେଷଜ୍ଞ, ଶିକ୍ଷାବିତ୍‌ଙ୍କ ଠାରୁ ବୁଦ୍ଧିଜୀବୀ, ଗଣମାଧ୍ୟମ ଠାରୁ ନ୍ୟାୟପାଳିକା ସମସ୍ତଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସବୁବେଳେ ସକରାତ୍ମକ ଚିନ୍ତନ ଭିତରେ ଅପରବର୍ଗଙ୍କ ତଥା ସମାଜର ତଳ ପାହାଚରେ ଥିବା ଲୋକଙ୍କର କଥାକୁ ବୁଝିବା ପାଇଁ ଏକ ମାନବୀୟ ମୂଲ୍ୟବୋଧ ଜୀବନ ଜୀଇଁବା ପାଇଁ ଜୀବନର ବ୍ରତ ହେଉ ଏହି ଭାବନା ହିଁ ସମସ୍ତଙ୍କର ଚିନ୍ତା ଓ ଚେତନା ହେଉ ଏହା ହିଁ କାମନା ।

**କଟକ, ଦୂରଭାଷ : ୯୯୩୭୧୭୨୮୧୦**

# ଆଗାମୀ ଓଡ଼ିଶାର ଲଢେଇ ଜମି ପାଇଁ ନୁହେଁ, ତଥ୍ୟ ପାଇଁ !

ସୌଭାଗ୍ୟ ରଞ୍ଜନ ମହାନ୍ତି

ଓଡ଼ିଶାର ଆଗାମୀ ଯୁଦ୍ଧ ଜମି ପାଇଁ ନୁହେଁ, ତଥ୍ୟ ପାଇଁ ! ଦିନ ବଦଳୁଛି, ଓଡ଼ିଶା ବଦଳୁଛି, ବଦଳୁଛି ବିକାଶର ପରିଭାଷା । ଦିନେ ଯେଉଁ ଜମିକୁ ନେଇ ଶକ୍ତିର ମାପ ହେଉଥିଲା, ଯେଉଁ ଖଣିକୁ ନେଇ ଅର୍ଥନୀତିର ଭବିଷ୍ୟତ ନିର୍ଣ୍ଣୟ ହେଉଥିଲା, ଆଗାମୀ ଦିନରେ ସେହି ମାପଦଣ୍ଡରେ ଆଉ ଗୋଟିଏ ଅଦୃଶ୍ୟ ସମ୍ପଦ ଯୋଡ଼ିବ ତଥ୍ୟ । ଆମ ନାମ, ଠିକଣା, ଜନ୍ମତାରିଖ, ଶିକ୍ଷା, ଜମିର ରେକର୍ଡ, ବ୍ୟାଙ୍କ ସମ୍ପର୍କିତ ସୂଚନା, କୃଷି, ସ୍ୱାସ୍ଥ୍ୟ, ଯାତାୟାତ, କାର୍ଯ୍ୟକଳାପ, ପସନ୍ଦ, ଆବଶ୍ୟକତା ଓ ଆମ ଦୈନନ୍ଦିନ ଜୀବନର ଅସଂଖ୍ୟ ଚିହ୍ନ ଆଜି ଡିଜିଟାଲ ଜଗତରେ ସଂରକ୍ଷିତ ହେଉଛି ।

ତେଣୁ ପ୍ରଶ୍ନ ଏବେ କେବଳ ଏତିକି ନୁହେଁ ଯେ ଓଡ଼ିଶା କେତେ ରାସ୍ତା କଲା, କେତେ ଶିଳ୍ପ ଆଣିଲା କିମ୍ବା କେତେ ପୁଞ୍ଜି ଆକର୍ଷଣ କଲା; ପ୍ରଶ୍ନ ହେଉଛି ଓଡ଼ିଶା ନିଜ ତଥ୍ୟକୁ କେତେ ସୁରକ୍ଷିତ ରଖିପାରିବ, କେତେ ସଠିକ୍ ଭାବେ ବ୍ୟବହାର କରିପାରିବ ଏବଂ ଏହାର ଲାଭ ସାଧାରଣ ଲୋକଙ୍କ ପାଖକୁ କେତେ ନ୍ୟାୟସଙ୍ଗତ ଭାବେ ପହଞ୍ଚାଇପାରିବ । ଓଡ଼ିଶା ଏହି ନୂଆ ପରିବର୍ତ୍ତନକୁ ଚିହ୍ନିଛି । ରାଜ୍ୟର କୃତ୍ରିମ ବୁଦ୍ଧିମତ୍ତା ନୀତିରେ ତଥ୍ୟ ଶାସନ, ତଥ୍ୟର ଗୁଣମାନ, ନାଗରିକ ଅଧିକାରର ସୁରକ୍ଷା ଏବଂ ସାଇବର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ରାଜ୍ୟ ନୀତିରେ ୨୦୨୯ ସୁଦ୍ଧା ଇଣ୍ଟରନେଟ୍ ପ୍ରବେଶ ହାରକୁ ୯୦ ପ୍ରତିଶତ ଏବଂ ୨୦୩୬ ସୁଦ୍ଧା ୧୩୦ ପ୍ରତିଶତ ପର୍ଯ୍ୟନ୍ତ ନେବାର ଲକ୍ଷ୍ୟ ରହିଛି । ଏହା କେବଳ ସଂଯୋଗର ବିସ୍ତାର ନୁହେଁ; ଏହା ସହିତ ତଥ୍ୟର ପରିମାଣ ମଧ୍ୟ ବଢ଼ିବ । ରାଜ୍ୟ ନୀତିରେ ତଥ୍ୟ ଭିତ୍ତିଭୂମି, କମ୍ପ୍ୟୁଟର ଶକ୍ତି, ଓଡ଼ିଆ ଭାଷାର ତଥ୍ୟଭଣ୍ଡାର, ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ଓ ଶାସନରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଠାରେ ଓଡ଼ିଶା ପାଇଁ ସୁଯୋଗ ଯେତେ ବଡ଼, ବିପଦ ମଧ୍ୟ ସେତେ ବଡ଼ । ଏକ ଚାଷୀଙ୍କ ଜମିର ତଥ୍ୟ ସଠିକ୍ ଥିଲେ ତାଙ୍କୁ ଯୋଜନାର ଲାଭ ସହଜରେ ମିଳିପାରେ; ଭୁଲ ଥିଲେ ତାଙ୍କର ଅଧିକାର ଅଟକିପାରେ । ଜଣେ ଛାତ୍ରଙ୍କ ଶିକ୍ଷାଗତ ତଥ୍ୟ ସଠିକ୍ ଥିଲେ ତାଙ୍କ ପାଇଁ ଉପଯୁକ୍ତ ସୁଯୋଗ ଚିହ୍ନଟ ହୋଇପାରେ; ଭୁଲ ଥିଲେ ସେହି ଭୁଲ ତାଙ୍କ ଭବିଷ୍ୟତକୁ ପ୍ରଭାବିତ କରିପାରେ । ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ସୂଚନା ଠିକ୍ ହାତରେ ଥିଲେ ଚିକିତ୍ସା ଉନ୍ନତ ହୋଇପାରେ; ଅସୁରକ୍ଷିତ ହେଲେ ତାଙ୍କ ଗୋପନୀୟତା ବିପଦରେ ପଡ଼ିପାରେ । ତେଣୁ ତଥ୍ୟ ଆଉ କେବଳ କମ୍ପ୍ୟୁଟରରେ ରହୁଥିବା ଅକ୍ଷର ଓ ସଂଖ୍ୟା ନୁହେଁ; ଏହା ନାଗରିକଙ୍କ ଅଧିକାର, ଅର୍ଥନୈତିକ ସୁଯୋଗ ଓ ସାମାଜିକ ସୁରକ୍ଷା ସହ ଜଡ଼ିତ ଏକ ମୂଲ୍ୟବାନ ସମ୍ପଦ ।

ଭାରତର ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ଓ ୨୦୨୫ର ନିୟମାବଳୀ ଏହି ଦିଗରେ ଏକ ଆଇନଗତ ଢାଞ୍ଚା ଦେଇଛି । ନିୟମଗୁଡ଼ିକର କାର୍ଯ୍ୟକାରିତା ଧାପେ ଧାପେ ହେବାକୁ ଥିବାରୁ ରାଜ୍ୟ ସ୍ତରରେ ମଧ୍ୟ ସଚେତନତା, ପ୍ରଶିକ୍ଷଣ, ସୁରକ୍ଷା ବ୍ୟବସ୍ଥା ଓ ଦାୟିତ୍ୱ ନିର୍ଦ୍ଧାରଣ ଅତ୍ୟନ୍ତ ଆବଶ୍ୟକ । ଆଜି ଅନେକ ଲୋକ ନିଜର ତଥ୍ୟ କେଉଁଠି ଯାଉଛି, କିଏ ଦେଖୁଛି, କେତେଦିନ ରହୁଛି ଏବଂ କେଉଁ ଉଦ୍ଦେଶ୍ୟରେ ବ୍ୟବହାର ହେଉଛି ତାହା ଜାଣନ୍ତି ନାହିଁ । ଏହି ଅଜ୍ଞତା ହିଁ ଆଗାମୀ ଦିନର ସବୁଠାରୁ ବଡ଼ ଦୁର୍ବଳତା ହୋଇପାରେ । ଏକ ଠକେଇକାରୀ ଯଦି କାହାର ବ୍ୟକ୍ତିଗତ ସୂଚନା ଜାଣିଯାଏ, ତେବେ ଠକେଇର ରୂପ ଆହୁରି ବିଶ୍ୱସନୀୟ ହୋଇପାରେ । ଜଣେ ନାଗରିକଙ୍କ ଅନଲାଇନ୍ ଅଭ୍ୟାସ, ଆର୍ଥିକ ସାମର୍ଥ୍ୟ କିମ୍ବା ଦୈନନ୍ଦିନ ଚଳାଚଳ ସମ୍ପର୍କିତ ସୂଚନା ଅସତ୍ ହାତରେ ପଡ଼ିଲେ କ୍ଷତି କେବଳ ଟଙ୍କାରେ ସୀମିତ ରହିବ ନାହିଁ ।

ତେଣୁ ସାଇବର ସୁରକ୍ଷାକୁ କେବଳ ପୁଲିସ କିମ୍ବା ପ୍ରଯୁକ୍ତି ବିଭାଗର କାମ ବୋଲି ଭାବିବା ଭୁଲ । ଏହା ପ୍ରତ୍ୟେକ ପରିବାରର ଦାୟିତ୍ୱ । ଓଡ଼ିଶା ପୁଲିସ ମଧ୍ୟ ସାଇବର ଠକେଇ ରୋକିବା, ଡିଜିଟାଲ ନିରୀକ୍ଷଣ ଓ ଆଧୁନିକ ଅନୁସନ୍ଧାନ ପ୍ରଣାଳୀକୁ ସୁଦୃଢ଼ କରିବା ଉପରେ ଜୋର ଦେଇଛି । କିନ୍ତୁ ପ୍ରଯୁକ୍ତି ବଢ଼ିଲେ ମାତ୍ର ସୁରକ୍ଷା ଆସିବ ନାହିଁ । ଆବଶ୍ୟକ ହେଉଛି ଦାୟିତ୍ୱବୋଧ । ସରକାରୀ କାର୍ଯ୍ୟାଳୟରେ ନାଗରିକଙ୍କ ତଥ୍ୟ ସଂଗ୍ରହ ହେଉଥିଲେ ସେହି ତଥ୍ୟର ଉଦ୍ଦେଶ୍ୟ ସ୍ପଷ୍ଟ ହେବା ଦରକାର । ଯେତିକି ତଥ୍ୟ ଆବଶ୍ୟକ, ସେତିକି ମାତ୍ର ସଂଗ୍ରହ ହେବା ଉଚିତ । ତଥ୍ୟ କିଏ ବ୍ୟବହାର କରିବ, କିଏ ଅନୁମତି ଦେବ, କେବେ ନଷ୍ଟ କରାଯିବ, ତଥ୍ୟ ଚୋରି ହେଲେ କାହାକୁ ଜଣାଯିବ ଏସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ରହିବା ଦରକାର । ଆଉ ଗୋଟିଏ ବଡ଼ ପ୍ରଶ୍ନ ହେଉଛି ଓଡ଼ିଆ ଭାଷା । ଯଦି ଆଗାମୀ ଡିଜିଟାଲ ଓଡ଼ିଶାରେ ତଥ୍ୟ ଓ ସେବା କେବଳ ଅନ୍ୟ ଭାଷାରେ ରହିଯାଏ, ତେବେ ଗ୍ରାମର ସାଧାରଣ ଲୋକ ଡିଜିଟାଲ ବିକାଶର ଦର୍ଶକ ହୋଇ ରହିଯିବେ ।

ଓଡ଼ିଆ ଭାଷାରେ ତଥ୍ୟଭଣ୍ଡାର, ସ୍ୱରଭିତ୍ତିକ ସେବା, ସହଜ ଭାଷାରେ ସରକାରୀ ସୂଚନା ଓ ନାଗରିକ ସହାୟତା ବଢ଼ିବା ଦରକାର । ରାଜ୍ୟ ନିଜ ନୀତିରେ ଓଡ଼ିଆ ଭାଷାକୁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସହ ଯୋଡ଼ିବା ଦିଗରେ ଲକ୍ଷ୍ୟ ରଖିଛି । ଏହାର ଅର୍ଥ ହେଉଛି ଆଗାମୀ ଦିନରେ ଜଣେ ଚାଷୀ ନିଜ ଭାଷାରେ ପାଣିପାଗ, ବଜାର ଓ ଫସଲ ସମ୍ପର୍କିତ ସୂଚନା ପାଇପାରିବେ; ଜଣେ ଛାତ୍ର ନିଜ ଭାଷାରେ ଶିକ୍ଷା ସହାୟତା ପାଇପାରିବେ; ଜଣେ ବୃଦ୍ଧ ଜଟିଳ ଆବେଦନ ପ୍ରକ୍ରିୟା ବିନା ସରକାରୀ ସେବା ବୁଝିପାରିବେ । ଏହା ହେବ ପ୍ରଯୁକ୍ତିର ପ୍ରକୃତ ଲୋକତନ୍ତ୍ରୀକରଣ । ତଥ୍ୟ ନୂଆ ଶକ୍ତି ହେବ, କିନ୍ତୁ ଏହି ଶକ୍ତି କାହା ହାତରେ ରହିବ ତାହା ଅଧିକ ମହତ୍ତ୍ୱପୂର୍ଣ୍ଣ । ତଥ୍ୟ ଯଦି ଲୋକଙ୍କ ସେବାରେ ବ୍ୟବହୃତ ହୁଏ, ତେବେ ଏହା ଓଡ଼ିଶାକୁ ଅଧିକ ସୁଦୃଢ଼ କରିବ; ଯଦି ଅସ୍ୱଚ୍ଛତା, ଅବହେଳା କିମ୍ବା ଅସତ୍ ବ୍ୟବହାରର ଶିକାର ହୁଏ, ତେବେ ସେହି ତଥ୍ୟ ନିଜେ ବିପଦର କାରଣ ହେବ । ତେଣୁ ଆଗାମୀ ଓଡ଼ିଶାର ପ୍ରତିଯୋଗିତା କେବଳ ଶିଳ୍ପ, ଖଣି କିମ୍ବା ପୁଞ୍ଜିରେ ନୁହେଁ; ନିର୍ଭରଯୋଗ୍ୟ ତଥ୍ୟ, ଦକ୍ଷ ମାନବସମ୍ପଦ, ସୁରକ୍ଷିତ ପ୍ରଯୁକ୍ତି ଓ ନାଗରିକ ବିଶ୍ୱାସରେ ହେବ । ଯେଉଁ ରାଜ୍ୟ ତଥ୍ୟକୁ ସୁରକ୍ଷା ଦେଇପାରିବ, ତଥ୍ୟକୁ ସଠିକ୍ ଭାବେ ବୁଝିପାରିବ ଏବଂ ତଥ୍ୟର ଲାଭକୁ ଶେଷ ଲୋକ ପର୍ଯ୍ୟନ୍ତ ପହଞ୍ଚାଇପାରିବ, ସେହି ରାଜ୍ୟ ଆଗାମୀ ଦଶକରେ ନୂଆ ଅର୍ଥନୀତିର ନେତୃତ୍ୱ ନେବ ।

ଓଡ଼ିଶା ଏବେ ସେହି ମୋଡ଼ରେ ଠିଆ ହୋଇଛି । ଆମେ ଯଦି ଆଜିଠାରୁ ନିଜ ତଥ୍ୟର ମୂଲ୍ୟ ବୁଝିବା, ଶିଶୁମାନଙ୍କୁ ଡିଜିଟାଲ ସଚେତନତା ଶିଖାଇବା, ସରକାରୀ ବ୍ୟବସ୍ଥାରେ ଦୃଢ଼ ସୁରକ୍ଷା ଗଢ଼ିବା, ଓଡ଼ିଆ ଭାଷାରେ ଡିଜିଟାଲ ସାମର୍ଥ୍ୟ ବଢ଼ାଇବା ଏବଂ ତଥ୍ୟ ବ୍ୟବହାରରେ ଜବାବଦେହିତା ନିଶ୍ଚିତ କରିବା, ତେବେ ଏହି ଅଦୃଶ୍ୟ ସମ୍ପଦ ଓଡ଼ିଶାର ଦୃଶ୍ୟମାନ ବିକାଶର ନୂଆ ଭିତ୍ତି ହୋଇପାରିବ । ଆଗାମୀ ଯୁଦ୍ଧରେ ତଲୱାର ନଥିବ, ସୀମାରେଖା ନଥିବ, ବନ୍ଧୁକ ନଥିବ; ଥିବ ତଥ୍ୟ, ଜ୍ଞାନ, ପ୍ରଯୁକ୍ତି ଓ ବିଶ୍ୱାସ । ତେଣୁ ଆଜି ଓଡ଼ିଶାକୁ ନିଜକୁ ଗୋଟିଏ ପ୍ରଶ୍ନ ପଚାରିବାକୁ ହେବ—ଆମେ କେବଳ ଡିଜିଟାଲ ଓଡ଼ିଶା ଗଢ଼ିବୁ, ନା ସୁରକ୍ଷିତ, ସଚେତନ ଓ ନାଗରିକକେନ୍ଦ୍ରିକ ଡିଜିଟାଲ ଓଡ଼ିଶା ଗଢ଼ିବୁ? ଏହି ଉତ୍ତର ହିଁ ନିର୍ଣ୍ଣୟ କରିବ ଆଗାମୀ ଓଡ଼ିଶାର ପ୍ରକୃତ ଶକ୍ତି ।

**ଭୁବନେଶ୍ୱର**
**ମୋବାଇଲ୍: ୯୪୩୭୯୯୪୩୭୯**

## ସୂଚନା

ସୃଜନଶୀଳ ପାଠକ, ଲେଖକ ଓ ଲେଖିକା ' ନିର୍ଭୟ ସୂଚନା'ର ସମ୍ପାଦକୀୟ ପୃଷ୍ଠା ପାଇଁ ଉପଯୁକ୍ତ ଲେଖା ପଠାଇବାକୁ ଅନୁରୋଧ । ଟାଇପ୍ ହୋଇଥିବା ଲେଖା କେବଳ ଗ୍ରହଣ କରାଯିବ । ସପ୍ତାହକ ମଧ୍ୟରେ ଲେଖାଟି ପ୍ରକାଶ ନପାଇଲେ ସମ୍ପାଦକମଣ୍ଡଳି ଦ୍ୱାରା ଏହା ଯୋଗ୍ୟ ବିବେଚିତ ହୋଇନାହିଁ ବୋଲି ଧରିନେବାକୁ ହେବ । ପ୍ରକାଶ ପାଇଥିବା ଲେଖାଟି ସମ୍ପୃକ୍ତ ଲେଖକ ଓ ଲେଖିକାଙ୍କ ନିକଟକୁ ହ୍ୱାଟସପ୍ ଯୋଗେ ଯୋଗାଇ ଦିଆଯିବ ।

ଇମେଲ - **nirbhaysuchana@gmail.com**ରେ ଲେଖା ପଠାଇବାକୁ ଅନୁରୋଧ ।

**ସମ୍ପାଦକ 'ନିର୍ଭୟ ସୂଚନା'**

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ବେତନଟୀ ଆରଆଣ୍ଡବି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ୧୦ଟି ସ୍ଥାନରେ ଭିଜିଲାନ୍ସର ଏକକାଳୀନ ଚଢ଼ଉ

**ବାରିପଦା,୫।୧୦(ନି.ସୂ) :** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଡିଭିଜନ ଅନ୍ତର୍ଗତ ବେତନଟୀ ଆରଆଣ୍ଡବି (ରାସ୍ତା ଓ ଗୃହ ନିର୍ମାଣ) ସବ୍-ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ବିଭିନ୍ନ ଠିକଣାରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସୋମବାର ଏକକାଳୀନ ଜୋରଦାର ଚଢ଼ାଉ ଜାରି ରହିଛି। ଶ୍ରୀ ମହାନ୍ତି ନିଜର ଜ୍ଞାତ ଆୟ ଉତ୍ସ ତୁଳନାରେ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହେବା ପରେ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଦ୍ୱାରା ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି ବ୍ୟାପକ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅଭିଯାନରେ ଭିଜିଲାନ୍ସର ୫ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର ଏବଂ ବହୁ ସଂଖ୍ୟକ ବିଭାଗୀୟ କର୍ମଚାରୀ ସାମିଲ ରହି ମୟୂରଭଞ୍ଜ, ବାଲେଶ୍ୱର ଏବଂ ଖୋର୍ଦ୍ଧା ଜିଲ୍ଲାର ମୋଟ ୧୦ଟି ସ୍ଥାନରେ ଯାଞ୍ଚ ଚଳାଇଛନ୍ତି।

ଚଢ଼ାଉ ଚାଲିଥିବା ସ୍ଥାନଗୁଡ଼ିକ ମଧ୍ୟରେ ବାଲେଶ୍ୱର ଅଙ୍ଗାରଗଡ଼ିଆ ସ୍ଥିତ ତିନି ମହଲା ଆବାସିକ କୋଠା, ଖୋର୍ଦ୍ଧା ବାଲିଅନ୍ତା ସ୍ଥିତ ଦୁଇ ମହଲା କୋଠା, ମୟୂରଭଞ୍ଜ ଜିଲ୍ଲା ବେତନଟୀ ସ୍ଥିତ ତାଙ୍କ କାର୍ଯ୍ୟାଳୟ ଏବଂ ସରକାରୀ







ବାସଭବନ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରାୟନ-ରାମଚନ୍ଦ୍ରପୁର ସ୍ଥିତ ପୈତୃକ ଘର, ବାଲେଶ୍ୱର ବସନ୍ତପୁର ସ୍ଥିତ ଫାର୍ମ ହାଉସ ଏବଂ ବାଲେଶ୍ୱର ବାମପଦା ସ୍ଥିତ ଆଉ ଏକ ବାସଭବନ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ବାଲେଶ୍ୱର ଅଙ୍ଗାରଗଡ଼ିଆ ସ୍ଥିତ ଜଣେ ଘନିଷ୍ଠ ସହଯୋଗୀଙ୍କ ଘର, ମୟୂରଭଞ୍ଜ ବୈଶିଙ୍ଗା ସ୍ଥିତ ଅନ୍ୟ ଜଣେ ସହଯୋଗୀଙ୍କ ବାସଭବନ ଏବଂ ବାଲେଶ୍ୱର ବାମପଦା ସ୍ଥିତ ଆଉ ଜଣେ ସହଯୋଗୀଙ୍କ ଘରେ ମଧ୍ୟ ଭିଜିଲାନ୍ସ ଟିମ୍ ଏକକାଳୀନ ପହଞ୍ଚି ତଲାସି କରୁଛି।

ସର୍ଚ୍ଚ ଅଭିଯାନ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ଜମିଜମା କାଗଜପତ୍ର, ବ୍ୟାଙ୍କ ଜମା ଖାତା, ନଗଦ ଟଙ୍କା ଏବଂ ସୁନାଗହଣାର ହିସାବ ଯାଞ୍ଚ କରାଯାଉଛି। ଖବର ଲେଖାହେବା ପର୍ଯ୍ୟନ୍ତ ଭିଜିଲାନ୍ସର ଖୋଳତାଡ଼ ଜାରି ରହିଥିବା ବେଳେ ଯାଞ୍ଚ ଶେଷ ହେବା ପରେ ମୋଟ ସମ୍ପତ୍ତିର ପରିମାଣ ନେଇ ବିସ୍ତୃତ ତଥ୍ୟ ମିଳିବ ବୋଲି ଭିଜିଲାନ୍ସ ବିଭାଗ ସୂତ୍ରରୁ ଜଣାପଡ଼ିଛି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

**ନୂଆପଡା,୫।୧୦(ନି.ସୂ) :** ନୂଆପଡ଼ା ସଦର ମହକୁମାସ୍ଥିତ ସଦ୍ଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲାପାଳ ଶ୍ରୀ ଦାଶ ସାଇକେଲ୍‌ରେ ଶିବିରସ୍ଥଳରେ ପହଞ୍ଚି ଉପସ୍ଥିତ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୯୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ୮୩ଟି ବ୍ୟକ୍ତିଗତ, ୮ଟି ଗୋଷ୍ଠୀଗତ ଏବଂ ଗୋଟିଏ ରେଡ୍‌କ୍ରସ୍ ରହିଥିଲା। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣାଣି କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା। ବିଚାରାଧୀନ ଅଭିଯୋଗଗୁଡ଼ିକର ତ୍ୱରିତ ନିଷ୍ପତ୍ତି ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା।



ଶିବିର ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ରେଡ୍‌କ୍ରସ୍ ପାଣ୍ଠିରୁ ସାବିତ୍ରୀ ହଂସଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଇଶାନୀ ମିତ୍ର, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ରୋଶନ ଜେନା ଏବଂ ନୂଆପଡ଼ା ବିଡିଓ ରୋହିତ ଭୋଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

# ହୋପ-ଏଜର ଆଲୋଚନା ଚକ୍ର

**କଟକ,୫।୧୦(ନି.ସୂ) :** ମର୍କତ ନଗର ସେକ୍ଟର-୭ସ୍ଥିତ ହୋପ-ଏଜର ମାସିକ ସ୍ୱାସ୍ଥ୍ୟ ଭିତ୍ତିକ ଆଲୋଚନା ଚକ୍ର ଅନୁଷ୍ଠାନର



ଅଧ୍ୟକ୍ଷ କିଶୋର ଶଥପତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ରଂଜିତ କୁମାର ସାହୁ ପ୍ରାରମ୍ଭିକ ସୂଚନା ଓ ଉପାଧ୍ୟକ୍ଷ ବିଜୟ କୁମାର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ ।

ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ ଡାକ୍ତର ନିରଞ୍ଜନ ମହାନ୍ତି ଯୋଗଦେଇ କହିଲେ ଯେ, ସରଳ, ସୁନ୍ଦର ଓ ସୁସ୍ଥ ଜୀବନ ଶୈଳୀରେ ଆବଶ୍ୟକ ପ୍ରାତଃ ଭ୍ରମଣ,ଯୋଗ ପ୍ରାଣାୟାମ, ସମୟାନୁବର୍ତ୍ତିତା, ଶୀଘ୍ର ରାତ୍ରି ନିଦ୍ରାର ଏକାନ୍ତ ଆବଶ୍ୟକ, ଏଥିପାଇଁ ବରିଷ୍ଠ ମାନଙ୍କୁ ଖର୍ଚ୍ଚ କରିବା କୁ ପଡ଼େନାହିଁ, ବରଂ ଏହା କନିଷ୍ଠ ଙ୍କ ପାଇଁ ଉଦାହରଣ ସାଜିଥାଏ ।

ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ର ପୃଷ୍ଠପୋଷକ ଉତ୍କଳ ଭୂଷଣ ରାଉତରାୟ, ପ୍ରମୋଦ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାହୁ, ଚିତ୍ତରଞ୍ଜନ ମହାନ୍ତି, ନକୁଳ ଚନ୍ଦ୍ର ମହାରଣା, ନିତ୍ୟାନନ୍ଦ ମିଶ୍ର, ଗୌରୀଶଙ୍କର ପଟ୍ଟନାୟକ, ସଂଜୀବ ରାଓ, ଅଶୋକ ସାହୁ, ଶଶୀଭୁଷଣ ପ୍ରଧାନ, ଅମୁଲ୍ୟ ମିଶ୍ର, ସି. କସ୍ତୁରୀ, ରବୀନ୍ଦ୍ର ନାଥ ମିଶ୍ର, ଅନିଲ ରାୟ, ବୃନ୍ଦାବନ ସାହୁ, ଅଖିଳ ବିଶ୍ୱାଳ ପ୍ରମୁଖ ଆଲୋଚନା ରେ ଯୋଗଦେଇଥିଲେ । ଶେଷରେ ସହ-ସମ୍ପାଦିକା ସୁଜାତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୈଳିକ ସାହୁ ସମାଜର ଡାଙ୍ଗବଂଶୀୟ ପାରିବାରିକ ନୂଆଖାଇ ଭେଟଘାଟ

**ମ.ରାମପୁର,୫।୧୦(ନି.ସୂ) :** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ସାପଲହରା ଗ୍ରାମରେ ତୈଳିକ ହଳଦିଆ ସାହୁ ସମାଜର ଡାଙ୍ଗବଂଶୀୟ ପାରିବାରିକ ନୂଆଖାଇ ଭେଟଘାଟ ଆନନ୍ଦ ଉତ୍ସାହର ସହ ପାଳିତ ହୋଇଯାଇଛି।

ଭେଟଘାଟ ପରିଚାଳନା କମିଟି ସଭାପତି ଖୁସିରାମ ସାହୁଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୮୨ ଖଣ୍ଡ ଗ୍ରାମରୁ ୫ ହଜାର ୫ ସହ ରୁ ଅଧିକ ଡାଙ୍ଗବଂଶୀୟ ପରିବାର ସଦସ୍ୟ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାପଲହରା ଗ୍ରାମର ଇଷ୍ଟଦେବୀ ମା' ଧରଣୀ ଦେବୀଙ୍କ ପୀଠରୁ ମଶାଲ ଯାତ୍ରା ବାହାରି ଗ୍ରାମ ପରିକ୍ରମା କରି କାର୍ଯ୍ୟକ୍ରମସ୍ଥଳରେ ପହଞ୍ଚିଥିଲା। ଏହାପରେ ଡାଙ୍ଗବଂଶୀୟ ପରିବାରର ରୀତିନୀତି ଅନୁଯାୟୀ ମା' ଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ନୂଆଖାଇ ପର୍ବ ଆରମ୍ଭ ହୋଇଥିଲା।ଏହି ଅବସରରେ ନୀଳମଣି ସାହୁ, କୋଦଣ୍ଡ ସାହୁ, ଜିତେନ୍ଦ୍ର ସାହୁ, ଉମାଶଙ୍କର ସାହୁ, ଠାକୁର ସାହୁ, ଗିରିଧାରୀ ସାହୁ (ଧର୍ମଗଡ଼), କୁବେର ସାହୁ, ଫକୀର ସାହୁ, ଗୁଣନିଧି ସାହୁ (ସିଲେଟପଡ଼ା, ବଲାଙ୍ଗୀର), ଟେଭା ସାହୁ, ଜଗଦୀଶ ସାହୁ ସମୀର ସାହୁ ଓ ଧନଞ୍ଜୟ ସାହୁଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରାଯାଇ ଉପଢୌକନ ପ୍ରଦାନ ସହ ସ୍ୱାଗତ



କରାଯାଇଥିଲା।ସମ୍ପାଦକ ଯୁଗଲାଲ ସାହୁ ଓ କୋଷାଧ୍ୟକ୍ଷ ଅବନୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଜ୍ଜ୍ୱଳ କୁମାର ସାହୁ ଓ ଦୁର୍ଗା ପ୍ରସାଦ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଅବନୀ ସାହୁ, ଲକ୍ଷ୍ମୀ ସାହୁ, ବସନ୍ତ ସାହୁ, ଭୈରବ ସାହୁ ଓ ଖଗେଶ୍ୱର ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଦୁର୍ଗା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାପଲହରା ବାଣୀ ଶ୍ରୀ କଳା ନିକେତନ ପକ୍ଷରୁ ବାଦ୍ୟଯନ୍ତ୍ର ପରିବେଷଣ ସହ ବିଭିନ୍ନ ଗ୍ରାମରୁ ଆସିଥିବା ଦଳମାନଙ୍କ ପକ୍ଷରୁ ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା।ଭେଟ ଘାଟରେ ଯୋଗଦେଇଥିବା ସମସ୍ତେ ପରସ୍ପରକୁ ନୂଆଖାଇ ଜୁହାର, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

ଏହି ଭେଟଘାଟ ମାଧ୍ୟମରେ ଡାଙ୍ଗ ବଂଶୀୟ ପରିବାର ମଧ୍ୟରେ ଭାଇଚାରା, ସାମାଜିକ ଏକତା ଓ ପାରିବାରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନେଇ ମତ ପ୍ରକାଶ ପାଇଥିଲା।ଆଗାମୀ ଦିନରେ ଏହି ଏକତା ଓ ଭାଇ ଚାରା କୁ ଆହୁରି ମଜବୁତ କରିବା ଉପରେ ବାଳଭୁଜ ସାହୁ, ଭାସ୍କର ସାହୁ, ବିଭୀଷଣ ସାହୁ, ଡମ୍ବରୁ ବୁଢ଼ା ସାହୁ, ରାଜ ସାହୁ ଓ ସୁରେନ୍ଦ୍ର ସାହୁ, ପ୍ରକାଶ ସାହୁ ପ୍ରମୁଖ ମତ ପ୍ରକାଶ କରିଥିଲେ। ଡାଙ୍ଗ ବଂଶୀୟ ପରିବାରର ସଦସ୍ୟମାନଙ୍କୁ ଏକତ୍ରିତ କରି ନୂଆଖାଇ ଭେଟଘାଟ ଆୟୋଜନ କରିଥିବାରୁ ସଭାପତି ଓ କର୍ମ କର୍ତ୍ତା ମାନଙ୍କୁ ଉପସ୍ଥିତ ସଦସ୍ୟମାନେ ଧନ୍ୟବାଦ ଜଣାଇଥିଲେ।

## ବିଲାସୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ସେବା ସଂକଳ୍ପ ଅଭିଯାନ-୨୦୨୬'

# ସରକାରଙ୍କ ୨୫ ବର୍ଷର ସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟକୁ ନେଇ ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମ

ଫୁଲନଖରା,୫।୧୦(ନି.ସୂ) : ବିଲାସୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସରକାରଙ୍କ ୨୫ ବର୍ଷର ସେବା, ସଂକଳ୍ପ ଓ ଜନକଲ୍ୟାଣମୂଳକ କାର୍ଯ୍ୟକୁ ନେଇ ମଣ୍ଡଳସ୍ତରୀୟ 'ସେବା ସଂକଳ୍ପ ଅଭିଯାନ-୨୦୨୬' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ସେବା, ସାମାଜିକ ଦାୟିତ୍ୱ ଓ ଜନସଚେତନତାକୁ ଏକାଠି କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଶିକ୍ଷା ବିଭାଗର ଅଧିକାରୀ ଓ ବିଭିନ୍ନ ଅତିଥିମାନେ ଯୋଗଦେଇଥିଲେ।ଏହି ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମରେ ବିଇଓ ଧୃତି ଦୀପା ପରିଡ଼ା ସଭାପତିତ୍ୱ କରିଥିବା ବେଳେ ଏବିଇଓ ପ୍ରଫୁଲ୍ଲ କୁମାର ରଥ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ମାର୍ଗଦର୍ଶନ କରିଥିଲେ।

ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ମାଝୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର କୁମାର ବାରିକ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ କଟକ ସାଂସଦଙ୍କ ପ୍ରତିନିଧି ଭୂପତି ଭୂଷଣ ପାଣି ଯୋଗଦେଇ ସେବା ସଂକଳ୍ପ ଅଭିଯାନର ଉଦ୍ଦେଶ୍ୟ, ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ପଦକ୍ଷେପ ଏବଂ ସମାଜର ବିକାଶରେ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ



କରିଥିଲେ।ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଦିଲ୍ଲୀପ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଗୁରୁତ୍ୱ ଓ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସେବା, ଶୃଙ୍ଖଳା, ଦାୟିତ୍ୱବୋଧ ଓ ସାମାଜିକ ମୂଲ୍ୟବୋଧ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଶରତ କୁମାର ଆଚାର୍ଯ୍ୟ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜର ମତ ରଖିଥିଲେ।କାର୍ଯ୍ୟକ୍ରମର ଆରମ୍ଭରେ ଦିଲ୍ଲୀପ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି ଉପସ୍ଥିତ ଅତିଥି, ଶିକ୍ଷା ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅନ୍ୟ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ।

ସେବା ସଂକଳ୍ପ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମଧ୍ୟ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯାଇଥିଲା।ଅନ୍ୟପକ୍ଷରେ, କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର ସଂସଦ ସଭାପତି ଗୌରାଙ୍ଗ ଚରଣ ନାଥ ସୁଚାରୁ ଭାବେ ପରିଚାଳନା କରିଥିଲେ।

ଏଥିରେ ସମସ୍ତ ସିଆରସିସି, ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ସହଯୋଗୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କ ପାଇଁ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା।ଶେଷରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦ୍ୟୁମ୍ନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ସେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ଅତିଥି, ଶିକ୍ଷା ବିଭାଗର ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସିଆରସିସି ଓ ଆୟୋଜକମାନଙ୍କୁ କୃତଜ୍ଞତା ଜଣାଇଥିଲେ।'ସେବା ସଂକଳ୍ପ ଅଭିଯାନ-୨୦୨୬' ମାଧ୍ୟମରେ ସେବା ଓ ସମାଜ ପ୍ରତି ଦାୟିତ୍ୱବୋଧକୁ ଆହୁରି ମଜବୁତ କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ, ସାମାଜିକ ମୂଲ୍ୟବୋଧ, ସୃଜନଶୀଳତା ଓ ନେତୃତ୍ୱ ଗୁଣ ବିକଶିତ କରିବାର ଏକ ସୁନ୍ଦର ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମଟି ଶିକ୍ଷା ଓ ସେବାର ସମନ୍ୱୟର ଏକ ଉତ୍ତମ ଉଦାହରଣ ଭାବେ ଉପସ୍ଥିତ ସମସ୍ତଙ୍କ ମନରେ ଏକ ସକାରାତ୍ମକ ବାର୍ତ୍ତା ଛାଡ଼ିଥିଲା।

# ଟାଙ୍ଗୀ-ଚୌଦ୍ୱାର ସାମ୍ବାଦିକ ସଂଘ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ

**ଟାଙ୍ଗୀ,୫।୧୦(ନି.ସୂ) :** ଟାଙ୍ଗୀ-ଚୌଦ୍ୱାର ସାମ୍ବାଦିକ ସଂଘ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ ଉତ୍ସବ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ସ୍ଥିତ ଅମ୍ବିକା ପ୍ୟାଲେସ୍ ରେ ଆୟୋଜିତ ହୋଇଯାଇଛି। ଅତିଥୀ ଭାବେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଭାରତୀୟ ଜନତା ପାର୍ଟିର କଟକ ଜିଲ୍ଲା ଉପ ସଭାପତି ତଥା ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ହିମାଂଶୁ କୁମାର ମହାନ୍ତି, ବିଜେପି ନେତା ତଥା ସିନେ ଅଭିନେତା ଅରିନ୍ଦମ୍ ରାୟ, ରାଜ୍ୟ



କଂଗ୍ରେସ୍ ର ସଂଖ୍ୟାଲଘୁ ସେଲ୍ ସଭାପତି ଆକ୍ୟୁବ୍ ଖାନ୍, ଉଦ୍ୟୋଗ ପତି ଜ୍ଞାନେନ୍ଦ୍ର କୁମାର ବେହେରା, ସୁନୀଲ ମୁରାରକା, ଅବସର ପ୍ରାପ୍ତ ବରିଷ୍ଠ ପୋଲିସ୍ ଅଧିକାରୀ ସ୍ମୃତି ରଞ୍ଜନ କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକ ମାନଙ୍କ ଭୂମିକା ଓ ସାମ୍ବାଦିକମାନଙ୍କ ମଧ୍ୟରେ ଭାଇଚାରା ଓ ସୌହାର୍ଦ୍ଦ ବୃଦ୍ଧି ଉପରେ ବକ୍ତବ୍ୟ ରଖିଥିଲେ। ଯୁବ ସାମ୍ବାଦିକ ପ୍ରୀତିରଞ୍ଜନ ବେହେରା ଅତିଥୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିବା ବେଳେ ସାମ୍ବାଦିକ କ୍ଷେତ୍ରବାସୀ ବରାଳ ଅତିଥୀ ପରିଚୟ ପ୍ରଦାନ କରିଥିଲେ। ରବିନ୍ଦ୍ର ମହାପାତ୍ର ଓ ଅଶୋକ ଦାସ ମଞ୍ଚ ସଞ୍ଚାଳନ କରିଥିବା ବେଳେ ମିର୍ଜା ନସିମ୍ ବେଗ୍, ରୁଦ୍ରଶିଷ ନାଥ, ତ୍ରିଲୋଚନ ବେହେରା, ପ୍ରଦୀପ୍ତ ସାହୁ, ସୁରେଶ ଚନ୍ଦ୍ର ମହନ୍ତ ରତନ ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ନେତା ରଶ୍ମୀ ରଞ୍ଜନ କାନୁନଗୋ, ଚୌଧୁରୀ ହେମନ୍ତ କୁମାର ସାହୁ, ବିଶେଶ୍ୱର ସ୍ୱାଇଁ, ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ବ୍ଲକ୍ କଂଗ୍ରେସ୍ ସଭାପତି ଆଶୁତୋଷ ବରାଳ, ଯୁବନେତା ଜନ୍ମେଜୟ ଖିଲାର, ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଦୁଖେନ୍ଦ୍ର ସାହୁ , ଦିପ୍ତିକାନ୍ତ ସ୍ୱାଇଁ, ବୁଲୁ ମହାନ୍ତି, କ୍ୟାପଟେନ୍ ମନୋରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ବିଶେଷଙ୍କୁ ଅତିଥୀ ମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଟାଙ୍ଗି-ଚୌଦ୍ୱାର ସମେତ ସାଲେପୁର, ମାହାଙ୍ଗା, ଆଠଗଡ ଓ କଟକ ମହାନଗରର ବହୁ ବରିଷ୍ଠ ସାମ୍ବାଦିକ ମାନେ ଏହି ବନ୍ଧୁ ମିଳନ ଉତ୍ସବରେ ଯୋଗ ଦେଇଥିଲେ।

## ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ପୋଖରୀ କାମରେ ଲାଗୁନାହିଁ

# ପାଣିର ଦୁର୍ଗନ୍ଧରେ ଅତିଷ୍ଠ ସ୍ଥାନୀୟ ଲୋକେ

**ମ.ରାମପୁର,୫।୧୦(ନି.ସୂ) :** ସରକାରୀ ଅର୍ଥରେ ସୌନ୍ଦର୍ଯ୍ୟକରଣ ହୋଇଥିବା ପୋଖରୀ ଏବେ ଅବ୍ୟବସ୍ଥାର ଚିତ୍ର ବହନ କରୁଛି। ପୋଖରୀରେ ଦୀର୍ଘଦିନ ଧରି ପାଣି ଜମି ରହିବା ସହ ଅଳିଆ-ଆବର୍ଜନା ଓ ପଙ୍କ ଜମିଥିବାରୁ ପାଣି ଦୂଷିତ ହୋଇ ଦୁର୍ଗନ୍ଧ ବାହାରୁଥିବା ଅଭିଯୋଗ ହୋଇଛି। ବିଡିଓଙ୍କ ସରକାରୀ ବାସଭବନ ସମ୍ମୁଖରେ ଥିବା ଏହି ପୋଖରୀର ଏଭଳି ଅବସ୍ଥାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।



## ପାଣି ନିଷ୍କାସନ ଓ ସଫେଇ ନେଇ ଅଭିଯୋଗ ପରେ ବି ପ୍ରଶାସନ ନିରବ

ସୂଚନା ଅନୁଯାୟୀ, ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ମନରେଗାରୁ ୧୦ ଲକ୍ଷ ଏବଂ ଜିଲ୍ଲା ପରିଷଦ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା କୁହାଯାଉଛି। ତେବେ ପୋଖରୀ ନିକଟରେ ଲାଗିଥିବା ସୂଚନା ଫଳକ ରେ ୫ ଲକ୍ଷ ଟଙ୍କାର ଉଲ୍ଲେଖ ଥିବା ବେଳେ ଅନ୍ୟ ଅର୍ଥରାଶି ସମ୍ପର୍କିତ ତଥ୍ୟ ସ୍ପଷ୍ଟ ନଥିବାର ଦେଖିବାକୁ ମିଳିଛି। ପୋଖରୀର ପାଣି ନିଷ୍କାସନ ବ୍ୟବସ୍ଥା ଠିକ୍ ନଥିବାରୁ ଏଭଳି ସମସ୍ୟା ଦେଖାଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀରେ ପ୍ଲାଷ୍ଟିକ୍ ଓ ଅନ୍ୟ ବର୍ଜ୍ୟବସ୍ତୁ ଜମି ରହିଛି। ଫଳରେ ଦୁର୍ଗନ୍ଧ ସହ ମଶା-ମାଛିଙ୍କ ପ୍ରକୋପ ବଢୁଥିବା ଏବଂ ନିକଟସ୍ଥ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟ ଅସୁବିଧାରେ ପଡୁଥିବା କୁହାଯାଉଛି।

ଏନେଇ ବିଭିନ୍ନ ସମୟରେ ଅଭିଯୋଗ ଓ ଖବର ପ୍ରକାଶ ପାଇବା ସହ ସୋସିଆଲ ମିଡିଆ 'ଏକ୍ସ'ରେ ଉପରସ୍ଥ ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି। ତଥାପି ପୋଖରୀର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଏହି ପ୍ରସଙ୍ଗରେ ବରିଷ୍ଠ ଆଇନଜୀବୀ ତଥା ସିପିଆଇ(ଏମ୍) ନେତା ସତ୍ୟଜିତ୍ ଚାଟାର୍ଜୀ ଏବଂ ସିପିଆଇ(ଏମ୍) ନେତା ଗଙ୍ଗାଧର ପ୍ରହରାଜ ପୋଖରୀର ନିର୍ମାଣ, ଖର୍ଚ୍ଚ ଓ ବର୍ତ୍ତମାନର ଅବସ୍ଥାର ଯାଞ୍ଚ ଦାବି କରିଥିବା କୁହାଯାଇଛି। ପୋଖରୀର ରକ୍ଷଣାବେକ୍ଷଣ ଦାୟିତ୍ୱ , ପାଣି ନିଷ୍କାସନ ପାଇଁ କି ବ୍ୟବସ୍ଥା ରହିଛି ଏବଂ ସୂଚନା ଫଳକରେ ଅର୍ଥରାଶି ସମ୍ପର୍କିତ ତଥ୍ୟରେ ଅସଙ୍ଗତି କାହିଁକି ଏସବୁ ପ୍ରଶ୍ନ ଏବେ ସାମ୍ନାକୁ ଆସିଛି। ତୁରନ୍ତ ପୋଖରୀ ସଫେଇ ସହ ପାଣି ନିଷ୍କାସନ ବ୍ୟବସ୍ଥା ସୁଧାରିବା ଏବଂ ପ୍ରକଳ୍ପର ଖର୍ଚ୍ଚ, ନିର୍ମାଣ ଗୁଣବତ୍ତା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥାର ଯାଞ୍ଚ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଚାଷ ଜମିରେ ଜଙ୍ଗଲି ଦନ୍ତା ହାତୀ

# ଫସଲ ନଷ୍ଟ, ଚାଷୀ ମାଗୁଛି କ୍ଷତିପୂରଣ

**ସିନାପାଲି ୫/୧୦ (ନି.ସୂ)** ଜଙ୍ଗଲ ରୁ ଜନବସତି କୁ ଚାଲିଆସିଛି ଦନ୍ତାହାତୀ । ଲୋକେ ହେଉଛନ୍ତି ଭୟଭୀତ। ଦନ୍ତାହାତୀର ଦଳାଚକଟାରେ ବ୍ୟାପକ କ୍ଷୟକ୍ଷତି ହୋଇଛି ଧାନଚାଷ। କ୍ଷତିପୂରଣ ଦାବି କରୁଛନ୍ତି ଚାଷୀ ମାନେ। କ୍ଷତିପୂରଣ ଦେବା ପାଇଁ ବିଭାଗୀୟ ଅଧିକାରୀ ଦେଲେ ପ୍ରତିଶୃତି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ ଗତ ତିନି ତାରିଖ ରାତ୍ରୀ ରେ ଜଙ୍ଗଲ ପଟୁ ନୂଆପଡ଼ା ଜିଲ୍ଲା, ବୋଡ଼େନ ବ୍ଲକ ଅନ୍ତର୍ଗତ ରୋକାଲ, ତରାପୁର, କୁଲେକେଲା, କରଙ୍ଗାମାଲ ଦେଇ ତିନି ଟିକିଆ ଜଙ୍ଗଲି ଦନ୍ତା ହାତୀ ବର୍ଡ଼ନସିଲ ଏବଂ ମହୁଲପଡ଼ା ଅଞ୍ଚଳରେ ପହଞ୍ଚିଥିଲା।



ଚାରି ତାରିଖ ଭୋର ସକାଳୁ ଲୋକେ ହାତୀ ପଲକୁ ଦେଖି ଭୟଭୀତ ହୋଇଯାଇଥିଲେ ଏବଂ ବନ ବିଭାଗ କୁ ସୂଚନା ଦେଇଥିଲେ । ଖବର ପାଇ ଖଡିଆଳ , ବୋଡ଼େନ ଓ ସିନାପାଲି ବନବିଭାଗ କର୍ମଚାରୀ ମାନେ ହାତୀ ପାଖକୁ ଆସି ତାକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବା ପାଇଁ ଅନେକ ଚେଷ୍ଟା କରିଥିଲେ କିନ୍ତୁ ଲୋକମାନଙ୍କ ଉପସ୍ଥିତ ଯୋଗୁଁ ହାତୀ ମାନେ କୁଆଡେ ନ ଯାଇ ମହୁଲପଡ଼ା ଗ୍ରାମର ନିର୍ଦ୍ଦିଷ୍ଟ ଏକ ଚାଷ ଜମିରେ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ଅଟକି ରହିଥିଲେ । ବନ ବିଭାଗ ଅଧିକାରୀ ଡାକବାଜୀ ଯନ୍ତ୍ର ଦ୍ୱାରା ଘୋଷଣା କରି ସ୍ଥାନୀୟ ଲୋକମାନଙ୍କୁ ସତର୍କ କରିବା ସହିତ ଡ୍ରୋନ କ୍ୟାମେରା ଦ୍ୱାରା ହାତୀର ଗତିବିଧି ଉପରେ କଡା ନଜର ରଖିଥିଲେ । ଅନ୍ଧାର ହେବା ପରେ ଜନଗହଳି କମିବା ଦ୍ୱାରା ସେହି ହାତୀ ମାନେ ପୁଣିଥରେ ଆସିଥିବା ବାଟରେ ଚାଲିଗଲେ । ପାଞ୍ଚ ତାରିଖ ଦିନ ଉକ୍ତ ହାତୀ ପଲ ବୋଡ଼େନ ବ୍ଲକ ବୋଦଲାପଡା ଅଞ୍ଚଳରେ ରହିଥିବା ସୂଚନା ମିଳିଛି। ହାତୀ ମାନେ ଚାଷୀମାନଙ୍କ ଚାଷ ବହୁତ ନଷ୍ଟ କରିଛନ୍ତି। ବର୍ତ୍ତମାନ ଚାଷୀମାନେ କ୍ଷତିପୂରଣ ଦାବି କରୁଛନ୍ତି।

ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ ହାତୀର ଉପଦ୍ରବରେ ନଷ୍ଟ ହୋଇଥିବା ଚାଷର କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଯିବ।

